READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524

ବର୍ଷ-୭ ସଂଖ୍ୟା-୩୬ ୧୮ - ୨୪ ସେପ୍ଟେମ୍ବର, ୨୦୨୩ ଭୁବନେଶ୍ୱର Monday Weekly VOL-7 ISSUE-36 18th - 24th SEPTEMBER, 2023 BHUBANESWAR ₹ 5/- (8 Pages)

କ୍ଷତିଗ୍ରସ୍ତ ଜମାକାରୀଙ୍କୁ ନ୍ୟାୟ ମିଳିବ ତ ?

ଭୁବନେଶ୍ୱର : ଚିଟଫଣ୍ଡ କମିଶନ ଅଫିସରେ ଥିବା ଜମାକାରୀଙ୍କ ଫାଇଲ ଖତ ଖାଉଛି। ସତ୍ୟପାଠ କରିଥିବା ହଜାର ହଜାର ଜମାକାରୀଙ୍କ ଫାଇଲରେ କେଉଁଠି ଗଛ ଲତା

ଖତ ଖାଉଛି ଚିଟଫଣ୍ଡ କମିଶନ ଅଫିସରେ ଥିବା ଜମାକାରୀଙ୍କ ଫାଇଲ

ଉଠିଲାଣି ତ ଆଉ କେଉଁଠି ଛତୁ ଫୁଟିଲାଣି। ଏମିତି କିଛି ଦୃଶ୍ୟ ଦେଖିବାକୁ ମିଳୁଛି କଟକ ପୋଲିସ ଲାଇନରେ ଥିବା ଜଷ୍ଟିସ ଏମ ଏମ ଦାସ ଚିଟଫଣ୍ଡ କମିଶନଙ୍କ କାର୍ଯ୍ୟାଳୟରେ। ଏହାଭିତରେ ଚିଟଫଣ୍ଡ ତଦନ୍ତ କମିଶନଙ୍କୁ ପୁରିଛି ୧୦ ବର୍ଷ। କିନ୍ତୁ ଚିଟଫଣ୍ଡ ଜମାକାରୀଙ୍କ ଆଶା ଭରସା ଜଷ୍ଟିସ ଏମଏମ କମିସନଙ୍କ କାର୍ଯ୍ୟାଳୟରେ ଝୁଲୁଛି ତାଲା । ଖତ ଖାଉଛି ଜମାକାରୀଙ୍କ ରେକର୍ଡ ପତ୍ର ଓ ସତ୍ୟପାଠ। ଏହାର ରକ୍ଷଣାବେକ୍ଷଣ ପାଇଁ କିଛି ବ୍ୟବସ୍ଥା କରାଯାଇନାହିଁ। ଜମାକାରୀଙ୍କ ଅଭିଯୋଗ ଓ ସତ୍ୟପାଠର ଦସ୍ତାବିଜ ସବୁ ଏମିତି ଅବସ୍ଥାରେ ସଂରକ୍ଷିତ କରି ରଖିଛନ୍ତି ରାଜ୍ୟ ସରକାର। ଜୀବନ ଯାକର ଝାଳବୁହା ଧନ ଚିଟଫଣ୍ଡରେ ଜମା କରିଥିଲେ ରାଜ୍ୟବାସୀ। ଛୋଟ ବଡ ସ୍ୱପ୍ନ ପୂରଣ ହେବ ବୋଲି ଆଶା ଥିଲା। କିନ୍ତୁ ଠକ କମ୍ପାନୀଙ୍କ ଜାଲରେ ପଡି ସର୍ବସ୍ୱ ହରାଇଲେ ଲକ୍ଷ ଲକ୍ଷ ଲୋକ। ଆଶା ଥିଲା ସରକାର ଗଠନ କରିଥିବା କମିଶନ ସେମାନଙ୍କୁ ନ୍ୟାୟ ଦେବ। କିନ୍ତୁ କମିଶନ କାର୍ଯ୍ୟାଳୟର ଏହି ଦୃଶ୍ୟ ଏବଂ ଦସ୍ତାବଜ ଗୁଡିରର ସ୍ଥିତି ଦେଖିଲେ ଜମା ଟଙ୍କା ଫେରି ପାଇବାର ସବୁ ଆଶା ➤ ପୃ-୬

ରାଜ୍ୟ କ୍ୟାବିନେଟ୍ ନିଷ୍ପତ୍ତି

ଗାଁକୁ ଗଡ଼ିବ 'ଲକ୍ଷ୍ମୀ ଏକ୍ସପ୍ରେସ୍'

ଭୁବନେଶ୍ୱର : ରାଜ୍ୟ କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକରେ ଶୁକ୍ରବାର ୧୯ଟି ପ୍ରସ୍ତାବ ଉପରେ ମୋହର ଲାଗିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ସଂଧ୍ୟାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ରାଜ୍ୟ ପୂର୍ତ୍ତ ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ମୋଟ ୩୫ଟି ଟୋଲଗେଟକୁ ଉଚ୍ଛେଦ ନିଷ୍ପତ୍ତିକୁ ଅନୁମୋଦନ ମିଳିଛି । ଏହି ଟୋଲ ଗେଟଗୁଡ଼ିକ ଏବେ ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଦ୍ୱାରା ପରିଚାଳିତ ହେଉଛି। ସେହିପରି ଧାନ ଓ ଚାଉଳ ସଂଗ୍ରହ ପରିଚାଳନା ସମ୍ପର୍କିତ ସମସ୍ତ ପ୍ରକ୍ରିୟାକୁ ସୁପରିଚାଳନା କରିବା ପାଇଁ 'ଖାଦ୍ୟ ଓ ସଂଗ୍ରହଣ ନୀତି ୨୦୨୩-୨୪'କୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି। ଚଳିତବର୍ଷ ଅକ୍ଟୋବର ପହିଲାରୁ ୨୦୨୪ ସେପ୍ଟେମ୍ବର ୩୦ତାରିଖ ପର୍ଯ୍ୟନ୍ତ ଖାଦ୍ୟ ଓ ସଂଗ୍ରହଣ ନୀତି ୨୦୨୩-୨୪ ବଳବତ୍ତର ରହିବ। ନଭେମ୍ବରରୁ ମାର୍ଚ୍ଚ ପର୍ଯ୍ୟନ୍ତ ଖରିଫ ଧାନ ଓ ୨୦୨୪ ମେ ଓ ଜୁନ୍ ମାସରେ ରବି ଋତୁ ଧାନ ସଂଗ୍ରହ କରାଯିବ। ତେବେ ପଞ୍ଜିକୃତ ଚାଷୀମାନେ ଯଦି ଧାର୍ଯ୍ୟଲକ୍ଷ୍ୟ ୭୯ଲକ୍ଷ ମେଟ୍ରିକ ଟନଠୁ ଅଧିକ ଧାନ ମଣ୍ଡିକୁ ଆଣିବେ ତାକୁ ରାଜ୍ୟ ସରକାର କ୍ରୟ କରିବେ ବୋଲି ନିଷ୍ପତ୍ତି ନିଆଯାଇଛି। କେବଳ ପଞ୍ଜିକୃତ ଚାଷୀଙ୍କଠୁ ବଳକା ଧାନ ସଂଗ୍ରହ କରାଯିବ ଓ ଧାନ ବିକ୍ରି ପାଇଁ ଆଧାର ଏକମାତ୍ର ପରିଚୟ ପତ୍ର ହେବ। ଚାଷୀଙ୍କ ବାୟୋମେଟ୍ରିକ ଚିହ୍ନଟୀକରଣ ବ୍ୟବସ୍ଥା କରାଯିବ। ଚାଷୀଙ୍କୁ କ୍ୱିଣ୍ଟାଲ ପିଛା ସାଧାରଣ ଧାନ ଓ ଗ୍ରେଡ-ଏ ଧାନ ପାଇଁ ଯଥାକ୍ରମେ ୨୧୮୩ଟଙ୍କା ଓ ୨୨୦୩ଟଙ୍କା ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ କରାଯିବ। ଖିଲାପୀ ମିଲରଙ୍କୁ ଚଳିତଥର ଧାନ ସଂଗ୍ରହ ପାଇଁ ଅନୁମତି ଦିଆଯିବ ନାହିଁ। ପି-ପାସ୍ ମାଧ୍ୟମରେ ଚାଷୀଙ୍କୁ ୪୮ଘଣ୍ଟା ମଧ୍ୟରେ ସେମାନଙ୍କ ପ୍ରାପ୍ୟ ପ୍ରଦାନ କରାଯିବ ବୋଲି କୁହାଯାଇଛି। ସେହିପରି ଭୁବନେଶ୍ୱରସ୍ଥିତ ସିଲିକନ୍ ଇନଷ୍ଟିଚ୍ୟୁଟ୍ ଅଫ ଟେକ୍ନୋଲୋଜିକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦେବା ପାଇଁ ସ୍ୱତନ୍ତ୍ର ଆଇନ, ବ୍ରହ୍ମପୁରର ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ ସାଇନ୍ସ ଆଣ୍ଡ ➤ ପୃ-୬

ଆରମ୍ଭ ହେଲା 'ପଡା ପୁଷ୍ଟି' କାର୍ଯ୍ୟକ୍ରମ

ମା'ମାନଙ୍କ ହାତରେ ସଫଳତାର ଚାବିକାଠି : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ମା', କିଶୋରୀ ଝିଅ ଓ ଶିଶୁମାନଙ୍କ ଉପଯୁକ୍ତ ପୁଷ୍ଟିସାଧନ ଉଦ୍ଦେଶ୍ୟରେ ରାଜ୍ୟରେ 'ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା'ର ଶୁଭାରମ୍ଭ କରିଛନ୍ତି। ଏହା ସହିତ ମୁଖ୍ୟମନ୍ତ୍ରୀ 'ପଡା ପୁଷ୍ଟି' କାର୍ଯ୍ୟକ୍ରମ ମଧ୍ୟ ଆରମ୍ଭ କରିଥିଲେ। ଏହି ଯୋଜନାରେ ସାରା ରାଜ୍ୟରେ ୧୫ ରୁ ୧୯ ବର୍ଷ ବୟସର ସମସ୍ତ କିଶୋରୀ ବାଳିକାମାନଙ୍କୁ ପୁଷ୍ଟି ସହାୟତା ସହିତ ଗର୍ଭବତୀ ମହିଳା ଓ ପ୍ରସୂତୀ ମା'ମାନଙ୍କ ପାଇଁ ଅଧିକ ଶୁଖିଲା ଖାଦ୍ୟର ବ୍ୟବସ୍ଥା, ଅତିଶୟ ପୁଷ୍ଟିହୀନ ପିଲାମାନଙ୍କ ପାଇଁ ସମ୍ପୂର୍ଣ୍ଣ ଆହାର, ମଧ୍ୟମ ପୁଷ୍ଟିହୀନ ପିଲା ଏବଂ ଅତିଶୟ କମ୍ ଓଜନର ପିଲାମାନଙ୍କ ପାଇଁ ଭିଟାମିନ୍‌ଯୁକ୍ତ ଛତୁଆ ଓ ଅଣ୍ଡା ପ୍ରଦାନର ବ୍ୟବସ୍ଥା ରହିଛି। 'ପଡା ପୁଷ୍ଟି' ଯୋଜନାରେ ଦୁର୍ଗମ ତଥା ଆଦିବାସୀ ଅଞ୍ଚଳର ପିଲାମାନଙ୍କୁ ସେମାନଙ୍କ ପଡା ତଥା ଗ୍ରାମରେ ଉତ୍ତମ ରନ୍ଧା ଖାଦ୍ୟ ଯୋଗାଇଦିଆଯିବ। ଲୋକସେବା ଭବନସ୍ଥିତ କନ୍‌ଭେନ୍‌ସନ୍ ସେଣ୍ଟରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ, ପୁଷ୍ଟି ସହିତ ସମୃଦ୍ଧିର ଗଭୀର ସମ୍ପର୍କ ରହିଛି। ତେଣୁ ପୁଷ୍ଟିର ଉନ୍ନତି ଜରିଆରେ ଆମେ ବିକାଶର ଲକ୍ଷ୍ୟ ପୂରଣ କରିପାରିବା। ➤ ପୃ-୬

ଲୋକପ୍ରିୟତାର ଶୀର୍ଷରେ ମୋଦି

ନୂଆଦିଲ୍ଲୀ : ବିଶ୍ୱରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୁଣିଥରେ ସବୁଠାରୁ ଲୋକପ୍ରିୟ ନେତା ହେବାର ରେକର୍ଡ କରିଛନ୍ତି। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନଙ୍କ ଠାରୁ ଆରମ୍ଭ କରି ବ୍ରିଟେନ ପ୍ରଧାନମନ୍ତ୍ରୀ ଋଷି ସୁନକଙ୍କ ଭଳି ବଡ଼ବଡ଼ ଦେଶର ନେତାଙ୍କୁ ପଛରେ ପକାଇ ମୋଦି ୧ନଂ ସ୍ଥାନରେ ରହିଛନ୍ତି। ବିଶ୍ୱସ୍ତରୀୟ ନେତାଙ୍କ ଲୋକପ୍ରିୟତାକୁ ଟ୍ରାକ କରୁଥିବା ଆମେରିକୀୟ ସଂସ୍ଥା ମର୍ଣ୍ଣିଂ କନସଲ୍ଟ ଏପରି ରିପୋର୍ଟ ଦେଇଛି। ପୂର୍ବରୁ ମଧ୍ୟ ସଂସ୍ଥା ଦେଇଥିବା ରିପୋର୍ଟରେ ମୋଦି ହିଁ ୧ନଂ ସ୍ଥାନରେ ରହିଥିଲେ। ରିପୋର୍ଟରେ କୁହାଯାଇଛି ଯେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଆପ୍ରୁଭାଲ ରେଟିଂ ପଏଣ୍ଟ ୭୬% ରହିଛି। ତାଲିକାର ଦ୍ୱିତୀୟ ସ୍ଥାନରେ ଥିବା ସ୍ୱିଜରଲ୍ୟାଣ୍ଡର ରାଷ୍ଟ୍ରପତି ଆଲାଇନ ବ୍ରେସେଟଙ୍କ ଠାରୁ ମୋଦିଙ୍କୁ ରେଟିଂ ପଏଣ୍ଟ ୧୨% ଅଧିକ। ତାଙ୍କ ରେଟିଂ ପଏଣ୍ଟ ୬୪% ରହିଛି। ପୂର୍ବରୁ ଦ୍ୱିତୀୟ ସ୍ଥାନରେ ଥିବା ମେକ୍ସିକୋ ରାଷ୍ଟ୍ରପତି ଆଣ୍ଡ୍ରେସ ମାନ୍ୟୁଏଲ ଲୋପେଜ ଓବ୍ରାଡୋ ଗୋଟିଏ ସ୍ଥାନ ତଳକୁ ଖସି ତୃତୀୟରେ ରହିଛନ୍ତି। ତାଙ୍କ ରେଟିଂ ପଏଣ୍ଟ ୬୧% ରହିଛି। ସେପ୍ଟେମ୍ବର ୬ରୁ ୧୨ ମଧ୍ୟରେ ସଂଗ୍ରହ କରାଯାଇଥିବା ତଥ୍ୟକୁ ➤ ପୃ-୬

ଡେଙ୍ଗୁ ସ୍ଥିତି ଅଣାୟତ୍ତ

ଭୁବନେଶ୍ୱର : ରାଜ୍ୟରେ ଡେଙ୍ଗୁ ଥମୁନାହିଁ। ଦିନକୁ ଦିନ ଡେଙ୍ଗୁର ସଂକ୍ରମଣ ହାର (ଟିପିଆର) ବୃଦ୍ଧି ପାଉଛି। ରାଜ୍ୟରେ ଯେତିକି ରକ୍ତ ନମୁନା ପରୀକ୍ଷା କରାଯାଉଛି ତହିଁରେ ଟିପିଆର ୧୩% ରହିଛି। ଏଥିରୁ ରାଜ୍ୟରେ ଡେଙ୍ଗୁ ସ୍ଥିତି ବାରି ହୋଇପଡୁଛି। ଡେଙ୍ଗୁ ନିୟନ୍ତ୍ରଣ କରିବାରେ ରାଜ୍ୟ ସରକାର ହାତ ଟେକି ଦେଇଛନ୍ତି। ଗତ ୩ବର୍ଷ ଧରି ରାଜ୍ୟରେ ଡେଙ୍ଗୁ ମାଡ଼ି ଚାଲିଛି। ଚଳିତବର୍ଷ ଜୁନ୍ ମାସରୁ ରାଜ୍ୟରେ ଡେଙ୍ଗୁ ଡରାଇବାକୁ ଆରମ୍ଭ କଲାଣି। ଜାତୀୟ ଡେଙ୍ଗୁ ଦିବସ ପାଳନ କରି ରାଜ୍ୟ ସରକାର ଚଳିତବର୍ଷ ଡେଙ୍ଗୁକୁ ନିୟନ୍ତ୍ରଣ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ମାତ୍ର ଡେଙ୍ଗୁ ରୋଗ ସୃଷ୍ଟିକାରୀ ଏଡିସ ମଶାର ଉତ୍ସକୁ ନଷ୍ଟ କରିବା ଯେଉଁ ପଦକ୍ଷେପ ନିଆଯିବା କଥା ତାହା ନିଆଗଲା ନାହିଁ। ଫଳରେ ଭୁବନେଶ୍ୱରରେ ତୀବ୍ର ଗତିରେ ଡେଙ୍ଗୁ ବ୍ୟାପିବାକୁ ଆରମ୍ଭ କଲା। ଏହାପରେ ରାଜ୍ୟର ଅନ୍ୟ ଜିଲ୍ଲାଗୁଡ଼ିକରେ ମଧ୍ୟ ଡେଙ୍ଗୁ ଥରାଉଛି। ସ୍ଥିତି ଏମିତି ହେଲାଣି ଯେ ରାଜ୍ୟରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ହୁ ହୁ ହୋଇ ବଢ଼ିଚାଲିଛି। ପୂର୍ବରୁ ସେପ୍ଟେମ୍ବର ମାସ ଶେଷ ଆଡ଼କୁ ଡେଙ୍ଗୁ ସ୍ଥିତିରେ ସୁଧାର ଆସିବ ବୋଲି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଥିଲା। ମାତ୍ର ଏବେ ଆହୁରି ୧ମାସ ପାଇଁ ଅର୍ଥାତ୍ ଅକ୍ଟୋବର ପର୍ଯ୍ୟନ୍ତ ଏହି ସ୍ଥିତି ଜାରି ରହିପାରେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ➤ ପୃ-୬

ବକ୍ରବାଣୀ

ଜୀବିତ କି ମୃତ ଜାଣେନା କେଇ
ନିଘୋଡ଼ ନିଦରେ ପଡ଼ିଚି ଶୋଇ
ଚେଲା ଚାମୁଣ୍ଡାଏ ଦାଣ୍ଡ ଦୁଆରେ
ଜଗି ବସିଚନ୍ତି ଖରା ତରାରେ
ଦର୍ଶନ ପାଇଲେ ହେବେ ଗୁହାରୀ
ଇଜତ ମହତ ଦେଲେଣି ସାରି
ଟେଣ୍ଟ ବାନ୍ଧୁଛନ୍ତି ବୁଲି ବୁଲିକି
ନେତାପଣ ତାଙ୍କ ଗଲା ଚୁଲିକି
ବତୀପେଲା ଯେତେ ମାରନ୍ତି ତାଳି
ଅଯୋଗ୍ୟ ପଣରେ ପାଣ୍ଡିଆ ଶାଳୀ।

ଚୁଟୁ

କରୋନା ଠାରୁ ଭୟଙ୍କର ନିପା ଭାଇରସ

ନୂଆଦିଲ୍ଲୀ,୧୫।୯: କେରଳରେ ଆତଙ୍କ ସୃଷ୍ଟି କରିଥିବା ନିପା ଭାଇରସକୁ ନେଇ ସତର୍କ କରାଇଛି ଆଇସିଏମଆର। ମହାମାରୀ କରୋନା ଭାଇରସ ତୁଳନାରେ ନିପା ଭାଇରସର ମୃତ୍ୟୁହାର ଯଥେଷ୍ଟ ଧିକ ବୋଲି ଆଇସିଏମଆର ଡିଜି ରାଜୀବ ଭଲା କହିଛନ୍ତି। ନିପା ଭାଇରସରରେ ମୃତ୍ୟୁହାର ୪୦ରୁ ୭୦ ରହିଛି। କରୋନାର ମୃତ୍ୟୁହାର କେବଳ ୨ରୁ ୩% ରହିଥିଲା ବୋଲି ସେ ସମସ୍ତଙ୍କୁ ସତର୍କ କରାଇ ଦେଇଛନ୍ତି। କେବଳରେ ଏବେ ନିପା ଭାଇସର ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏଥିପାଇଁ କେନ୍ଦ୍ର ସରକାର ଅଷ୍ଟ୍ରେଲିଆରୁ ୨୦ ଡୋଜେସର ମୋନୋକଲୋନାଲ ଆଣ୍ଟିବଡି ଆଣିବାକୁ ନିଷ୍ପତ୍ତି ନେଇଛନ୍ତି। ଏହା ନିପା ଭାଇରସ ନିରାକରଣରେ ସହାୟତା କରିବ। ନିପା ଭାଇରସ ହେଉଛି ଗୋଟିଏ ଜୋନୋଟିକ ରୋଗ। ଏହା ଜନ୍ତୁମାନଙ୍କ ଠାରୁ ମଣିଷ ଶରୀରରେ ପ୍ରବେଶ କରିଥାଏ। ଖାଦ୍ୟ ଓ ବ୍ୟକ୍ତିଗତ ସଂସ୍ପର୍ଶରେ ଆସିଲେ ଏହା ଜଣଙ୍କ ପାଖରୁ ଆଉ ଜଣଙ୍କୁ ସଂକ୍ରମିତ କରିଥାଏ। ଆଣ୍ଟିବଡି ଆଣିବାକୁ ସରକାର ନେଇଥିବା ନିଷ୍ପତ୍ତି ସମ୍ପର୍କରେ ରାଜୀବ ଭଲା କହିଛନ୍ତି, ୨୦୧୮ରେ ଆମେ କିଛି ଡୋଜେସ ଆଣ୍ଟିବଡି ଅଷ୍ଟ୍ରେଲିଆ ଠାରୁ ଆଣିଥିଲୁ। ବର୍ତ୍ତମାନ ଡୋଜେସ ଗୁଡ଼ିକ କେବଳ ୧୦ ଜଣ ରୋଗୀଙ୍କ ପାଇଁ ଉପଲବ୍ଧ ରହିଛି। ତେଣୁ ଆଉ ୨୦ ଡୋଜେସ ଆଣ୍ଟିବଡି ଆଣିବାକୁ ନିଷ୍ପତ୍ତି ହୋଇଛି। କିନ୍ତୁ ମେଡିସିନ ସଂକ୍ରମଣର ପ୍ରଥମ ପର୍ଯ୍ୟାୟରେ ହିଁ ଦେବା ଜରୁରୀ। ଏଯାଏ ଭାରତରେ କାହାକୁ ଏହି ମେଡିସିନର ଡୋଜ ଦିଆଯାଇ ନାହିଁ। ଭାରତ ବାହାରେ ନିପାରେ ସଂକ୍ରମିତ ହୋଇଥିବା କେବଳ ୧୪ ଜଣଙ୍କୁ ➤ ପୃ-୬

ରାଜ୍ୟ ସରକାରଙ୍କୁ ଅପରାଜିତାଙ୍କ ଟାର୍ଗେଟ

ରାଜଧର୍ମ ପାଳନ କରନ୍ତୁ ମୁଖ୍ୟମନ୍ତ୍ରୀ

ମାଲକାନଗିରି: ରାଜ୍ୟ ରାଜଧାନୀଠାରୁ ଆରମ୍ଭ କରି ମାଲକାନଗିରି ପର୍ଯ୍ୟନ୍ତ ବିଭିନ୍ନ ସ୍ତରରେ ଦୁର୍ନୀତି ହେଉଛି। କୋଟିକୋଟି ଟଙ୍କା ଖର୍ଚ୍ଚ ହେଉଛି। କିନ୍ତୁ ଆଜି ପର୍ଯ୍ୟନ୍ତ ବିକାଶ ହୋଇପାରୁ ନାହିଁ। କାମ ନାହିଁ ଲୋକେ ଦାଦନ ଖଟିବାକୁ ଯାଉଛନ୍ତି। ସରକାରୀ କାର୍ଯ୍ୟାଳୟରେ କର୍ମଚାରୀ ମରୁଡ଼ି ପଡିଛି। ନିଜର ଚାରିପଟେ କଣ ଘଟୁଛି ସରକାର ନିଜେ ଜାଣିପାରୁ ନାହାନ୍ତି। ମୁଖ୍ୟମନ୍ତ୍ରୀ ଧୃତରାଷ୍ଟ୍ରଙ୍କ ଭଳି ନହୋଇ ରାଜଧର୍ମ ପାଳନ କରନ୍ତୁ ବୋଲି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଆହ୍ୱାନ କରିଛନ୍ତି। ସ୍ଥାନୀୟ ଡିଏନକେ ପଡ଼ିଆରେ

ବଲାଙ୍ଗିର ପୌରସଂସ୍ଥା, ବଲାଙ୍ଗିର

ନିଖିଳ ଭାରତ ସ୍ୱାୟତ୍ତ ଶାସନ-୨୦୨୩ ଉପଲକ୍ଷେ ବଲାଙ୍ଗିର ପୌରପରିଷଦର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଅଛୁ। ଏହି ଅବସରରେ ସମସ୍ତେ ନିଜ ନିଜ ପରିବେଶକୁ ସ୍ୱଚ୍ଛ ଓ ନିର୍ମଳ କରି ଗଢ଼ି ତୋଳିବା ପାଇଁ ଆମର ଅନୁରୋଧ।

ଶ୍ରୀମତୀ ଲିକା ସାହୁ
ପୌରାଧ୍ୟକ୍ଷା
ପୌରସଂସ୍ଥା, ବଲାଙ୍ଗିର

ଗାୟତ୍ରୀ ଭୋଇ
ଉପ-ପୌରାଧ୍ୟକ୍ଷା
ପୌରସଂସ୍ଥା, ବଲାଙ୍ଗିର

କେବେ କମିବ ହାତୀ-ମଣିଷ ଲଢ଼େଇ

୫ ବର୍ଷରେ ୫୩ ମଣିଷ, ୨୧ ହାତୀ ମୃତ

ବାରିପଦା, (ବିକୁ ସିଂ) : ମୟୂରଭଞ୍ଜ ଜିଲ୍ଲାରେ ହାତୀ ଉପଦ୍ରବ ଏବେ ବର୍ଷ ତମାମ ଲାଗି ରହିଛି। ଏଠାରେ ଶିମିଳିପାଳ ଅଭୟାରଣ୍ୟ ଥିବାରୁ ପୂର୍ବରୁ ମଧ୍ୟ କେବଳ ଧାନ ଅମଳ ବେଳକୁ ବଣୁଆ ହାତୀ ଜନବସତିକୁ ପଶି ଆସିବା ସହିତ ଫସଲ ମଧ୍ୟ ନଷ୍ଟ କରୁଥିଲେ। ମାତ୍ର ଏବେ ବର୍ଷକ ବାର ମାସ ଯାକ ବଣୁଆ ହାତୀ ସହ ପଶ୍ଚିମବଙ୍ଗ ଏବଂ ଝାଡଖଣ୍ଡ ହାତୀ ଗାଁ ଏପରିକି ସହର ରେ ମଧ୍ୟ ପଶିଆସି ଉତ୍ପାତ କରୁଥିବାରୁ ଜଣସାଧାରଣଙ୍କ ସହିତ ବନବିଭାଗକୁ ମଧ୍ୟ ନାକେଦମ ହେବାକୁ ପଡୁଛି। ହାତୀ-ମଣିଷର ଏହି ଲଢ଼େଇରେ ବହୁ ଧନଜୀବନ ମଧ୍ୟ ନଷ୍ଟ ହେଉଛି। ସେହିପରି ଶିକାରୀଙ୍କ ଦ୍ୱାରା ସ୍ୱାସ୍ଥ୍ୟଗତ କାରଣରୁ ବହୁ ହାତୀ ମଧ୍ୟ ପ୍ରାଣ ହରାଉଛନ୍ତି। ବିଗତ ପାଞ୍ଚ ବର୍ଷରେ ହାତୀ ଆକ୍ରମଣରେ ଜିଲ୍ଲାରେ ୫୩ ଜଣଙ୍କ ଜୀବନ ଯାଇଥିବା ବେଳେ ୨୧ଟି ହାତୀଙ୍କ ବିଭିନ୍ନ କାରଣରୁ ମୃତ୍ୟୁ ଘଟିଛି। ସେପରି ହାତୀ ପୋଲ ୧୪୫ଟି ଘର ଭାଙ୍ଗି ଥିବାବେଳେ ୩,୫୨୪ ହେକ୍ଟରରୁ ଅଧିକ ଜମି ଫସଲ ନଷ୍ଟ କରିଛନ୍ତି। ୨୦୧୯ରେ ୫ଟି ହାତୀଙ୍କ ମୃତ୍ୟୁ ଘଟିଥିବାବେଳେ ୧୩ ଜଣ ମଣିଷଙ୍କ ଜୀବନ ଯାଇଛି। ୨୦୨୦ରେ ୪ଟି ହାତୀଙ୍କ ମୃତ୍ୟୁ ହୋଇଥିବାବେଳେ ୮ ଲୋକ, ୨୦୨୧ରେ ୬ଟି ହାତୀ ଓ ୧୨ ଲୋକ , ୨୦୨୨ରେ ୪ଟି ହାତୀ ଓ ୧୬ ଜଣ ମଣିଷ ଏବଂ ୨୦୨୩ରେ ଆଜି ସୁଦ୍ଧା ୨ଟି ହାତୀଙ୍କର ମୃତ୍ୟୁ ଘଟିଥିବାବେଳେ ୪ଜଣ ଲୋକଙ୍କ ଜୀବନ ଯାଇଛି। ବହୁ ସମୟରେ ଶିକାରୀ ମାନେ ଦାନ୍ତ ଲାଗି ହାତୀ ଶିକାର କରୁଥିବାର ଦେଖା ଯାଇଛି। ବିଗତ ଡିସେମ୍ବର ୨୦୨୨ରେ ଶିମିଳିପାଳ କୋର ଏରିଆ ଜେନାବିଲା ➤ ପୃ-୬

କେମିତି କଟିବ ଏ ସପ୍ତାହ

ମେଷ
ସ୍ୱାସ୍ଥ୍ୟ ଉତ୍ତମ ରହିବ। ବ୍ୟବସାୟରେ ଲାଭ ଯୋଗ ଅଛି। କାର୍ଯ୍ୟ କ୍ଷେତ୍ରରେ ନୂଆ ସୁଯୋଗ ପାଇଷବ। ପରିବାରରେ ଅନ୍ୟ ସଦସ୍ୟଙ୍କ ସହ ତର୍କ ହୋଇପାରେ। ଶୁଭ ତାରିଖ ୧୯,୨୧, ଭାଗ୍ୟଫଳ-୮୦%। ପ୍ରତିକାର : ଶିବ ଚାଳିଶା ପାଠ କରନ୍ତୁ।

ବୃଷ
ମନ ଚଞ୍ଚଳ ରହିବ। ବ୍ୟବସାୟରେ ରୋକିଥିବା ଧନ ଫେରିବ। ନୂଆ ଚେଷ୍ଟା ସଫଳ ହେବ। ସମ୍ମାନ ବଢ଼ିବ। ଦାମ୍ପତ୍ୟ ମଧୁର ରହିବ। ଶୁଭ ତାରିଖ ୨୧,୨୨,୨୩,୨୪, ଭାଗ୍ୟଫଳ-୮୦%। ପ୍ରତିକାର : ଭଗବାନ ଶିବଙ୍କ ବେଲପତ୍ର ଅର୍ପର କରନ୍ତୁ।

ମିଥୁନ
ମାଆଙ୍କ ସ୍ୱାସ୍ଥ୍ୟ ବିଗିଡିପାରେ। ଅଳସୁଆମୀ ପାଇ ଅସୁବିଧାରେ ପଡି ପାରନ୍ତି। ଛାତ୍ରମାନଙ୍କ ପାଇଁ ସମୟ ଅନୁକୂଳ। ଜୀବନସାଥୀଙ୍କ ସହ ଝଗଡା ହୋଇପାରେ। ଶୁଭ ତାରିଖ ୨୨,୨୩, ଭାଗ୍ୟଫଳ-୬୦%। ପ୍ରତିକାର : ବାପାମାଆଙ୍କ ଆଶୀର୍ବାଦ ନେଇ ଘରୁ ବାହାରନ୍ତୁ।

କର୍କଟ
ଆଣ୍ଠୁଗଣ୍ଠିରେ କଷ୍ଟ ହୋଇପାରେ। ଆୟ ବୃଦ୍ଧି ହେବ। ଘର ଗାଡି କ୍ରୟ କରି ପାରନ୍ତି। ସମାଜସେବା କରିପାରନ୍ତି। ସମ୍ମାନିତ ହେବେ। କିନ୍ତୁ ବାଣୀରେ ଲଗାମ ଦିଅନ୍ତୁ। ପରିବାରରେ ତର୍କ ହୋଇପାରେ। ଶୁଭ ତାରିଖ ୨୦,୨୧, ଭାଗ୍ୟଫଳ-୭୦%। ପ୍ରତିକାର : ଶ୍ରୀ ଗଣେଶଙ୍କ ଜପ କରନ୍ତୁ।

ସିଂହ
ମୁଣ୍ଡବିନ୍ଧା ପୀଡା ହୋଇପାରେ। ଭାଗୀଦାରୀ ବ୍ୟବସାୟରେ ଲାଭ ଯୋଗ ଅଛି। କାର୍ଯ୍ୟକ୍ଷେତ୍ରରେ ନୂଆ ଖବର ପାଇବେ। ଜୀବନସାଥୀଙ୍କ ସହ ଭ୍ରମଣରେ ଯାଇପାରନ୍ତି। ଶୁଭ ତାରିଖ-୧୯,୨୦,୨୩, ଭାଗ୍ୟଫଳ-୮୦%। ପ୍ରତିକାର : ବରଗଛ ମୂଳରେ ପାଣି ଢାଳନ୍ତୁ।

କନ୍ୟା
ରକ୍ତଚାପ ଓ ହୃଦୟ ଜନୀତ କଷ୍ଟ ହୋଇପାରେ। ତରବରିଆ ଭାବରେ କିଛି ନିଷ୍ପତ୍ତି ନିଅନ୍ତୁ ନାହିଁ। ଭାଇ-ଭଉଣୀଙ୍କ ସହଯୋଗ ପାଇବେ। ପରିଶ୍ରମ ତୁଳନାରେ ଆୟ କମ ରହିପାରେ। ପ୍ରେମୀ ପାଇଁ ସମୟ ଅନୁକୂଳ। ଶୁଭ ତାରିକ-୨୨,୨୩,୨୪, ଭାଗ୍ୟଫଳ-୮୦%। ପ୍ରତିକାର : ଭଗବାନଙ୍କ ଆଗରେ ଜପ କରନ୍ତୁ।

ତୁଳା
ସ୍ୱାସ୍ଥ୍ୟରେ ସୁଧାର ଆସିବ। ନୂଆ ବ୍ୟବସାୟରେ ଅର୍ଥ ବିନିଯୋଗ କରିବେ। କାର୍ଯ୍ୟ କ୍ଷେତ୍ରରେ ପଦୋନ୍ନତି ହୋଇପାରେ। ଛାତ୍ରମାନେ କଠିନତାର ସାମନା କରିବେ। ଜୀବନସାଥୀଙ୍କୁ ନେଇ ଚିନ୍ତିତ ରହିବେ। ଶୁଭ ତାରିଖ ୧୯,୨୦, ଭାଗ୍ୟଫଳ-୭୦%। ପ୍ରତିକାର : ଗରିବଙ୍କୁ ଖାଦ୍ୟ ଦାନ କରନ୍ତୁ।

ବିଛା
ପେଟ ବା ଥଣ୍ଡା ରୋଗ ହୋଇପାରେ। ବିନିଯୋଗ ପୂର୍ବରୁ ଚିନ୍ତା କରନ୍ତୁ। କାର୍ଯ୍ୟକ୍ଷେତ୍ରରେ ପ୍ରଶଂସିତ ହେବେ। ଛାତ୍ରମାନେ ପାଠ ପାଇଁ ବିଦେଶ ଯାତ୍ରା କରିପାରନ୍ତି। ଜୀବନସାଥୀଙ୍କ ସହଯୋଗ ପାଇବେ। ଶୁଭ ତାରିଖ ୧୮,୧୯, ଭାଗ୍ୟଫଳ-୮୦%। ପ୍ରତିକାର : ଲାଲ ରଙ୍ଗର ବସ୍ତ୍ର ଦାନ କରନ୍ତୁ।

ଧନୁ
ସ୍ୱାସ୍ଥ୍ୟ ସାମାନ୍ୟ ରହିବ। ଆୟ ଓ ବ୍ୟୟରେ ବୃଦ୍ଧି। କାର୍ଯ୍ୟକ୍ଷେତ୍ରରେ ବିବାଦରେ ପଡନ୍ତୁ ନାହିଁ। ସରକାରୀ କାଗଜରେ ଦସ୍ତଖତ ପୂର୍ବରୁ ପରୀକ୍ଷା କରନ୍ତୁ। ପୁରୁଣା ଚିନ୍ତାରୁ ମୁକ୍ତି ମିଳିବ। ଶୁଭ ତାରିଖ-୨୦,୨୧, ଭାଗ୍ୟଫଳ-୭୦%। ପ୍ରତିକାର : ସୂର୍ଯ୍ୟ ଦେବଙ୍କୁ ପ୍ରତିଦିନ ଅର୍ଘ ଦିଅନ୍ତୁ।

ମକର
ଅଚିନ୍ତା ଜନିତ ରୋଗ ହୋଇପାରେ। ଆର୍ଥିକ ସ୍ଥିତି ମଦଭୁତ ହେବ। ଘର ପାଇଁ ସାମାନ କିଣିପାରନ୍ତି। ଭ୍ରମଣରେ ଯାଇପାରନ୍ତି। ଜୀବନସାଥୀଙ୍କୁ ଉପହାର ଦେଇପାରନ୍ତି। ଶୁଭ ତାରିଖ ୨୨,୨୪, ଭାଗ୍ୟଫଳ-୭୦%। ପ୍ରତିକାର : ସର୍ବଦା ଖଣ୍ଡେ ରୂପା ପାଖରେ ରଖନ୍ତୁ।

କୁମ୍ଭ
ଅଯଥା ମନ ଅସ୍ଥିର ରହିବ। କାର୍ଯ୍ୟକ୍ଷେତ୍ରରେ ସହଯୋଗ ବଢ଼ିବ। ନୂଆ ଚାକିରି ମିଳିପାରେ। ଜୀବନସାଥୀଙ୍କୁ ରୋଜଗାର ମିଳିବା ଯୋଗୁଁ ପରିବାରରେ ଶାନ୍ତି ଆସିବ। ଶୁଭ ତାରିଖ ୨୩,୨୪, ଭାଗ୍ୟଫଳ-୯୦%। ପ୍ରତିକାର : ପ୍ରଥମ ରୁଟିକୁ ଗାଈଙ୍କୁ ଖୁଆନ୍ତୁ।

ମୀନ
ସ୍ୱାସ୍ଥ୍ୟ ଉତ୍ତମ ରହିବ। ଆୟର ନୂଆ ସ୍ରୋତ ଖୋଜିବ। ଘର ବା ଗାଡି କିଣିପାରନ୍ତି। ନୂତନ ଚାକିରି ପାଇ ସମୟ ଅନୁକୂଳ। ବିବାହର ପ୍ରସ୍ତାବ ଆସିପାରେ। ଶୁଭ ତାରିକ ୧୯,୨୩, ଭାଗ୍ୟଫଳ-୮୦%। ପ୍ରତିକାର : ହନୁମାନ ଚାଳିସା ପାଠ କରନ୍ତୁ।

ଅନ୍ନପୂର୍ଣ୍ଣା ଖୁଣ୍ଟିଆ
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

ମିଡିଆ ଟ୍ରାଏଲକୁ ନେଇ ସୁପ୍ରିମକୋର୍ଟ ଖପ୍ପା

ଗାଇଡ୍‌ଲାଇନ ପାଇଁ କେନ୍ଦ୍ରକୁ ନିର୍ଦ୍ଦେଶ

ନୂଆଦିଲ୍ଲୀ: ଅପରାଧିକ ମାମଲାରେ ଦେଶର ଗଣାମାଧ୍ୟମ ନିଜ ଇଚ୍ଛାର କରୁଥିବା ଖବର ପ୍ରସାରଣ ବା ମିଡିଆ ଟ୍ରାଏଲକୁ ନେଇ ସୁପ୍ରିମକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏକପାଖିଆ ରିପୋର୍ଟିଂ ଯୋଗୁ ଲୋକଙ୍କ ମନରେ ଜଣେ ଅଭିଯୁକ୍ତ ହିଁ ଅପରାଧୀ ବୋଲି ଲୋକମାନେ ଭାବି ନେଉଛନ୍ତି। ତେଣୁ ଏହାକୁ ଅନୁମତି ଦେବା କଥା ନୁହେଁ ବୋଲି ସର୍ବୋଚ୍ଚ ଅଦଲତ କହିଛନ୍ତି। ଏଥିସହ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ପୁଲିସ ପାଇଁ ଗାଇଡଲାଇନ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମିଡିଆକୁ ସୂଚନା ଦେବା ବେଳେ ପୁଲିସ୍ କେଉଁ ସବୁ ନିୟମ ପାଳନ କରିବ, ସେ ବିଷୟରେ ଗାଇଡଲାଇନରେ ଉଲ୍ଲେଖ ରହିବ। ଏଥିପାଇଁ ମନ୍ତ୍ରଣାଳୟକୁ ସୁପ୍ରିମକୋର୍ଟ ୩ ମାସ ସମୟ ଦେଇଛନ୍ତି। ଗାଇଡଲାଇନରେ କ'ଣ ସବୁ ବିଷୟବସ୍ତୁ ରହିବ, ସେବାବଦରେ ସବୁ ରାଜ୍ୟର ଡିଜିପି ଓ ଜାତୀୟ ମାନବାଧିକାର କମିଶନ ଗୋଟିଏ ମାସ ମଧ୍ୟରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ପ୍ରସ୍ତାବ ଦେଇ ପାରିବେ। ଏବେ ମାମଲା ପରବର୍ତ୍ତୀ ଶୁଣାଣି ୨୦୨୪ ମସିହା ଜାନୁଆରୀ ଦ୍ୱିତୀୟ ସପ୍ତାହରେ ହେବ ବୋଲି ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼ଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ କହିଛନ୍ତି। ଖଣ୍ଡପୀଠ କହିଛନ୍ତି, ମିଡିଆ ଟ୍ରାଏଲ ଦ୍ୱାରା ନ୍ୟାୟ ପ୍ରଦାନ ପ୍ରଭାବିତ ହେଉଛି। ପୁଲିସ ପାଖରେ ସମ୍ବେଦନଶୀଳତା ରହିବା ଦରକାର। କେଉଁ ପର୍ଯ୍ୟାୟରେ ଅନୁସନ୍ଧାନର ସବିଶେଷ ତଥ୍ୟ ପ୍ରକାଶ କରାଯିବାର ଆବଶ୍ୟକ ରହିଛି, ତା'ର ନିଷ୍ପତ୍ତି ନେବା ଉଚିତ। ଏହା ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ

ପ୍ରସଙ୍ଗ କାରଣ ଏଥିରେ ପୀଡ଼ିତ ଓ ଅଭିଯୁକ୍ତଙ୍କ ସ୍ୱାର୍ଥ ଜଡ଼ିତ ହୋଇ ରହିଛି। ଏହାବାଦ ଜନସାଧାରଣଙ୍କ ସ୍ୱାର୍ଥ ସହ ମଧ୍ୟ ଏହାର ସମ୍ପର୍କ ଅଛି। ଅପରାଧ ସମ୍ପର୍କିତ ମିଡିଆ ରିପୋର୍ଟ ସହ ସାର୍ବଜନୀନ ହିତର ଅନେକ ସ୍ୱାର୍ଥ ରହିଛି। ମୌଳିକ ଭାବରେ ଦେଖିଲେ, ବାକ ସ୍ୱାଧୀନତା ମଧ୍ୟରେ ଗଣମାଧ୍ୟମର ଖବର ଚିତ୍ରଣ ଓ ପ୍ରସାରଣ ଅଧିକାର ଅନ୍ତର୍ଭୁକ୍ତ। କିନ୍ତୁ ଆମକୁ ମିଡିଆ ଟ୍ରାଏଲ ପାଇଁ ଅନୁମତି ଦେବା କଥା ନୁହେଁ। ସୂଚନା ହାସଲ କରିବା ଲୋକଙ୍କ ଅଧିକାର। କିନ୍ତୁ ତଦନ୍ତ ବେଳେ ଯଦି ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ବା ତଥ୍ୟ ସାର୍ବଜନୀନ ହୋଇଯାଏ, ତା'ହେଲେ ଏହାର ପୂରା ମାମଲାକୁ ମଧ୍ୟ ପ୍ରଭାବିତ କରିପାରେ ବୋଲି ଖଣ୍ଡପୀଠ କହିଛନ୍ତି। ଖଣ୍ଡପୀଠ ଆହୁରି କହିଛନ୍ତି, ଗୋଟିଏ ଅପରାଧିକ ମାମଲାର ଅଭିଯୁକ୍ତ ମଧ୍ୟ ନିରପେକ୍ଷ ତଦନ୍ତର ହକଦାର। ପ୍ରତିଟି ପର୍ଯ୍ୟାୟରେ ଓ ପ୍ରତିଟି ଅଭିଯୁକ୍ତକୁ ନିରୀହ ଭାବି ତଦନ୍ତ କରାଯିବା ଦରକାର। ମିଡିଆ ରିପୋର୍ଟରେ ଅଭିଯୁକ୍ତଙ୍କୁ ଦୋଷୀ ଭାବେ ବିବେଚନା କରିବା ଆଦୌ ଠିକ ନୁହେଁ। ଏକପାଖିଆ ରିପୋର୍ଟ ମଧ୍ୟ ଜନସାଧାରଣଙ୍କ ମନରେ ସନ୍ଦେହ ସୃଷ୍ଟି କରେ ଯେ ଅଭିଯୁକ୍ତ ଜଣଙ୍କ ହିଁ ଅପରାଧ କରିଛନ୍ତି। ମିଡିଆ ରିପୋର୍ଟ ମଧ୍ୟ ପୀଡ଼ିତଙ୍କ ଗୋପନୀୟତାକୁ ଉଲ୍ଲଂଘନ କରିପାରେ। କେତେକ କ୍ଷେତ୍ରରେ ପୀଡ଼ିତ/ପୀଡ଼ିତା ନାବାଳକ ହୋଇପାରନ୍ତି। ତେଣୁ ସେମାନଙ୍କର ଗୋପନୀୟତା ପ୍ରଭାବିତ ହେବା ଉଚିତ ନୁହେଁ। ଗଣମାଧ୍ୟମକୁ ପୁଲିସ୍ କେମିତି ସୂଚନା ଦେବ ? ଏ ସମ୍ପର୍କରେ ପୁଲିସ୍କୁ କେମିତି ପରାମର୍ଶ ଦିଆଯିବ ? ୨୦୧୪ରେ ଆମେ ଦେଇଥିବା ନିର୍ଦ୍ଦେଶ ଉପରେ ଭାରତ ସରକାର କ'ଣ ସବୁ ପଦକ୍ଷେପ ନେଇଛନ୍ତି ? ଏହା ଶୁଣି ଖୁବଶୀଘ୍ର ଗାଇଡଲାଇନ ପ୍ରସ୍ତୁତ ହେବ ଓ ଏ ବିଷୟରେ କୋର୍ଟଙ୍କୁ ଅବଗତ କରାଯିବ ବୋଲି କେନ୍ଦ୍ର ସରକାର କହିଛନ୍ତି।

୧୪ ଟିଭି ଆଙ୍କରଙ୍କ କାର୍ଯ୍ୟକ୍ରମ ବର୍ଜନ କରିବ ଇଣ୍ଡିଆ ମେଣ୍ଟ

ନୂଆଦିଲ୍ଲୀ : ବିରୋଧୀ ଇଣ୍ଡିଆ ମେଣ୍ଟ ଗୁରୁବାର ଦିନ ଘୋଷଣା କରିଛି ଯେ ଏହା ପ୍ରମୁଖ ୯ଟି ଟିଭି ଚ୍ୟାନେଲର ୧୪ ଜଣ ଟିଭି ଆଙ୍କରଙ୍କ କାର୍ଯ୍ୟକ୍ରମକୁ ବର୍ଜନ କରିବ। ଇଣ୍ଡିଆ ମେଣ୍ଟର ଗଣମାଧ୍ୟମ କମିଟି ଉକ୍ତ ସାମ୍ବାଦିକମାନଙ୍କର କାର୍ଯ୍ୟକ୍ରମକୁ ବର୍ଜନ କରିବା ସହ ସେମାନଙ୍କ ଦ୍ୱାରା ବିଭିନ୍ନ ଚ୍ୟାନେଲ ଓ ମଞ୍ଚରେ ହେଉଥିବା ଆଲୋଚନା କାର୍ଯ୍ୟକ୍ରମକୁ ସେମାନଙ୍କ ପ୍ରତିନିଧି ନ ପଠାଇବାପାଇଁ ନିଷ୍ପତ୍ତି ନେଇଛି। ଗତକାଲି ହୋଇଥିବା ଇଣ୍ଡିଆ ମେଣ୍ଟର ପ୍ରଥମ ସମନ୍ୱୟ କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ୧୪ ଟିଭି ଆଙ୍କରଙ୍କ ନାଁର ଏକ ତାଲିକା ମଧ୍ୟ ଜାରି କରାଯାଇଛି। କଂଗ୍ରେସ ମୁଖପାତ୍ର ପଓ୍ୱନ ଖେଡ଼ା ଇଣ୍ଡିଆ ମେଣ୍ଟର ଏହି ନିଷ୍ପତ୍ତି ଠିକ୍ ବୋଲି କହିଛନ୍ତି। ଖେଡ଼ା କହିଛନ୍ତି, କିଛି ଟିଭି ଚ୍ୟାନେଲ୍ ଗତ ୯ ବର୍ଷ ଧରି ଘୃଣାର ବଜାର ଖୋଲିଛନ୍ତି। ଇଣ୍ଡିଆ ମେଣ୍ଟ ସମାଜର ଅବକ୍ଷୟ କରୁଥିବା ଏହି ଚ୍ୟାନେଲଗୁଡ଼ିକୁ ଆଉ ସୁଯୋଗ ଦେବନାହିଁ ବୋଲି ସେ କହିଛନ୍ତି। ସମାଜରେ ଘୃଣା ସୃଷ୍ଟି କରୁଥିବା ଯେକୌଣସି କାର୍ଯ୍ୟକ୍ରମରେ ଇଣ୍ଡିଆ ମେଣ୍ଟ ପକ୍ଷ ହେବାକୁ ଚାହେନାହିଁ ବୋଲି ସେ କହିଛନ୍ତି। ତେବେ ବିଜେପି ଏହି ନିଷ୍ପତ୍ତିକୁ ଇମର୍ଜେନ୍ସି ସହ ତୁଳନା କରିଛି। କେନ୍ଦ୍ରମନ୍ତ୍ରୀ ହରଦୀପ ପୁରୀ ଇଣ୍ଡିଆ ମେଣ୍ଟର ଏହି ନିଷ୍ପତ୍ତିକୁ ନେଇ କହିଛନ୍ତି, ୧୯୭୫ରେ ଦେଶରେ ଜରୁରୀ ପରିସ୍ଥିତି ଜାରି ହେବା ସମୟରେ ବି ବ୍ୟକ୍ତି ସ୍ୱାଧୀନତା ଉପରେ ଏଭଳି ଅଙ୍କୁଶ ଲାଗିନଥିଲା।

ଋଣ ବୋଝରେ ଭାରତ

ନୂଆଦିଲ୍ଲୀ : ୨୦୪୭ ସୁଦ୍ଧା ଭାରତ ଏକ ବିକଶିତ ରାଷ୍ଟ୍ରରେ ପରିଣତ ହେବ। କାରଣ ଦେଶ ଏବେ ବିକାଶ ପଥରେ ଆଗେଇ ଚାଲିଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଲୋକଙ୍କୁ ଦେଖାଯାଉଥିବା ଏଭଳି କିଛି ବିକାଶ ସ୍ୱପ୍ନର ଅସଲ ଚିତ୍ର କିଛି ଅଲଗା। ପ୍ରକୃତରେ ଋଣ ବୋଝରେ ଶତୁଛି ଦେଶ। ଭାରତର ବିଦେଶୀ କରଜ ବା ବୈଦେଶିକ ଋଣ ପରିମାଣ ଇତି ମଧ୍ୟରେ ୬୨୪ ବିଲିୟନ୍ ଡଲାର ଟପିଛି। ବୈଦେଶିକ ମୁଦ୍ରା ଭଣ୍ଡାର ଦେଶର ମୋଟ ଋଣର ୯୨ ପ୍ରତିଶତ। ଏହାଛଡା ଭାରତର ମୋଟ ଜାତୀୟ ଆୟ ତୁଳନାରେ ବିଦେଶୀ ଋଣ ପରିମାଣ ବହୁ ଅଧିକ ରହିଥିବା ଜଣାଯାଇଛି। ଏକ ହିସାବ ଅନୁସାରେ ଦେଶରେ ଲୋକଙ୍କ ମୁଣ୍ଡ ପିଛା ଋଣ ପରିମାଣ ବିଗତ

ବିଦେଶୀ କରଜ ଟପିଲା ୬୨୪ ବିଲିୟନ୍ ଡଲାର
ମୋଟ ଜାତୀୟ ଆୟ ତୁଳନାରେ ବିଦେଶୀ ଋଣ ବହୁ ଅଧିକ

୯ ବର୍ଷରେ ଦୁଇ ଗୁଣ ବୃଦ୍ଧି ପାଇଛି। ଅପରପକ୍ଷେ ଦେଶର ଋଣ ବୋଝ ବଢ଼ିଚାଲିଥିବାବେଳେ ଏହା ଉପରେ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ମତାମତ କିଛି ଭିନ୍ନ ରହିଛି। ଅର୍ଥମନ୍ତ୍ରୀଙ୍କ କହିବାନୁଯାୟୀ,ଦେଶର ବାହ୍ୟ ଋଣ ବର୍ତ୍ତମାନ ଆରାମଦାୟକ ସ୍ଥିତିରେ ରହିଛି। ଯଦିଓ ଅର୍ଥମନ୍ତ୍ରୀ ସ୍ପଷ୍ଟ ଭାବେ କହିଛନ୍ତି ଯେ ଗତ ଆର୍ଥିକବର୍ଷରେ ଆମର ବାହ୍ୟ ଋଣରେ ବୃଦ୍ଧି ଘଟିଛି। ଏଥିରେ ଅର୍ଥନୀତିକୁ ନେଇ କୌଣସି ଚିନ୍ତା କରିବାରନାହିଁ। ବାସ୍ତବରେ ଚଳିତବର୍ଷ ମାର୍ଚ୍ଚ ସୁଦ୍ଧା ବୈଦେଶିକ ଋଣ ପରିମାଣ ୬୨୪.୭ ବିଲିୟନ ଡ଼ଲାରକୁ ବୃଦ୍ଧି ପାଇଛି। ଏହା ଦେଶର ବୈଦେଶିକ ମୁଦ୍ରା ଭଣ୍ଡାରଠାରୁ ଅଧିକ। ଏଥିସହିତ ଯଦି ଅର୍ଥନୀତି ଅନୁପାତରେ ଏହାକୁ ଦେଖାଯାଏ ତେବେ ବୈଦେଶିକ ଋଣ ୫.୩ ପ୍ରତିଶତରେ ପହଞ୍ଚିଛି। ୨୦୨୧-୨୨ ଆର୍ଥିକବର୍ଷ ତୁଳନାରେ, ୨୦୨୨-୨୩ରେ ଭାରତର ବୈଦେଶିକ ଋଣ ୦.୯ ପ୍ରତିଶତ ବୃଦ୍ଧି ପାଇଛି, ଯାହା ପ୍ରାୟ ୫.୬ ବିଲିୟନ ଡ଼ଲାର। ଯଦି ଆମେ ଚଳିତବର୍ଷ ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ ଏହି ଅନୁପାତକୁ ଦେଖିବା, ତେବେ ଭାରତର ବୈଦେଶିକ ମୁଦ୍ରା ଭଣ୍ଡାର ମୋଟ ଋଣର ୯୨.୬ ପ୍ରତିଶତ ଥିଲା। ବର୍ତ୍ତମାନ ପ୍ରଶ୍ନ ଉଠୁଛି ଯେ ବୈଦେଶିକ ଋଣରେ ଏହି ବୃଦ୍ଧି ଦେଶର ଅର୍ଥନୀତି ଉପରେ ଖରାପ ପ୍ରଭାବ ପକାଇବ। ଉଚ୍ଚ ବୈଦେଶିକ ଋଣ ବିଶେଷ କରି ଏକ ବିକାଶଶୀଳ ରାଷ୍ଟ୍ର ପାଇଁ ବେଶ ବିପଦପୂର୍ଣ୍ଣ। ଏହାଦେଶକୁ ଖିଲାପକାରୀ ବା ଡିଫଲ୍ଟ ହେବାର ଆଶଙ୍କା ବଢ଼ାଇଦେବ। ଏହାର ପ୍ରଭାବ ସ୍ୱରୂପ ଦେଶର କ୍ରେଡିଟ୍ ରେଟିଂ କମିବ। ଫଳସ୍ୱରୂପ ନିବେଶ ଆଗମନ ରେ ହ୍ରାସ ସହ ଆର୍ଥିକ ଅଭିବୃଦ୍ଧି ନିମ୍ନଗାମୀ ହେବ। ସମ୍ପ୍ରତି ଦେଶରେ ଦୀର୍ଘ ମାସ ହେବ ଖୁଚୁରା ମୁଦ୍ରାସ୍ଫୀତି କେନ୍ଦ୍ର ସରକାରଙ୍କ ନିୟନ୍ତ୍ରଣ ବାହାରେ ରହିଛି। ଅତ୍ୟାବଶ୍ୟକ ସାମଗ୍ରୀର ଉଚ୍ଚ ଦରଦାମ୍ ଯୋଗୁ ଖାଉଟି ବେହାଲ। ଏଥିପାଇଁ ବଜାରରେ ଚାହିଦା କମୁଛି। ଏଭଳି ପରିସ୍ଥିତିରେ ଯଦି ଦେଶର ବାହ୍ୟ ଋଣ ବଢ଼ିଚାଲେ ତେବେ କ୍ରେଟିଂ ରେଟିଂ ଖରାପ ହେବ। ଏହା ସିଧାସଳଖ ଦେଶର ଅଭିବୃଦ୍ଧିଶୀଳ ଅର୍ଥନୀତିକୁ ଶକ୍ତ ଆଘାତ ହେବ।

ରାଷ୍ଟ୍ରୀୟ ନ୍ୟାୟିକ ସୂଚନା ଗ୍ରୀଡ଼ ଅଧୀନକୁ ଆସିବ ସୁପ୍ରିମ୍‌କୋର୍ଟ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତର ପ୍ରଧାନ ବିଚାରପତି ଡି ୱାଇ ଚନ୍ଦ୍ରଚୂଡ଼ଙ୍କ ଘୋଷଣାକୁ ଶୁଭେଚ୍ଛା ଜଣାଇଛନ୍ତି ଯେଉଁଥିରେ ସେ ସୂଚନା ଦେଇଛନ୍ତି ଯେ

ଭାରତର ସର୍ବୋଚ୍ଚ ନ୍ୟାୟାଳୟ ରାଷ୍ଟ୍ରୀୟ ନ୍ୟାୟିକ ସୂଚନା ଗ୍ରୀଡ଼ ପ୍ଲାଟଫର୍ମ ଅଧୀନରେ ଆସିବ ଯେଉଁଥିରେ ମାମଲାଗୁଡ଼ିକର ଟ୍ରାକିଂ ହୋଇପାରିବ। ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି ଯେ ବୈଷୟିକ ଜ୍ଞାନକୌଶଳର ଏପରି ବ୍ୟବହାର ଦେଶରେ ସ୍ୱଚ୍ଛତା ଏବଂ ନ୍ୟାୟ ବ୍ୟବସ୍ଥାକୁ ଆହୁରି ସ୍ୱଚ୍ଛ କରିବ। ସେ କହିଛନ୍ତି, ଏହା ସୁପ୍ରିମକୋର୍ଟ ତଥା ଭାରତର ପ୍ରଧାନ ବିଚାରପତିଙ୍କ ପ୍ରଶଂସନୀୟ ପଦକ୍ଷେପ। ରାଷ୍ଟ୍ରୀୟ ସୂଚନା କେନ୍ଦ୍ର ଓ ସୁପ୍ରିମକୋର୍ଟ ମିଳିତ ଭାବେ ଏହି ନେସନାଲ ଜୁଡ଼ିସିଆଲ ଡାଟା ଗ୍ରୀଡ଼ ପ୍ରସ୍ତୁତ କରିଛନ୍ତି। ଏହି ପ୍ଲାଟଫର୍ମ ଜରିଆରେ ସୁପ୍ରିମକୋର୍ଟରେ କେଉଁ ମାମଲାର ଶୁଣାଣି ଚାଲିଛି, କେଉଁ ମାମଲାର ବିଚାର ଦୀର୍ଘ ସମୟ ପର୍ଯ୍ୟନ୍ତ ଚାଲିଛି ଓ କେଉଁ ତାରିଖରେ କେଉଁ ମାମଲାର ଶୁଣାଣି ହେବ, ତାହା ବିଷୟରେ ଜାଣି ହେବ।

ପହିଲାରୁ ବଢ଼ିବ ଜନ୍ମ ପ୍ରମାଣପତ୍ରର ଗୁରୁତ୍ୱ

ନୂଆଦିଲ୍ଲୀ : ବହୁ ପ୍ରକାର କାର୍ଯ୍ୟ ପାଇଁ ଜନ୍ମ ପ୍ରମାଣପତ୍ର ହେବ ଏକକ ଦସ୍ତାବିଜ। ଜୁଲାଇରେ ସଂସଦରେ ଏହି ବିଲ୍ ଆଗତ ହୋଇଥିଲା। ବିଲ୍ ଆଗତ ହେବା ପରେ ଅକ୍ଟୋବର ୧ରୁ ଏହାକୁ ଲାଗୁ କରାଯିବା। ଏହି ନିୟମ ଲାଗୁ ହେବା ପରେ ଶିକ୍ଷାନୁଷ୍ଠାନରେ ନାମଲେଖାଠାରୁ ଆରମ୍ଭ

ଡ୍ରାଇଭିଂ ଲାଇସେନ୍ସ , ସରକାରୀ ଚାକିରି ଆବେଦନ ଲାଗି ଏକକ ଦସ୍ତାବିଜ ହେବ ଜନ୍ମ ପ୍ରମାଣପତ୍ର

କରି ଡ୍ରାଇଭିଂ ଲାଇସେନ୍ସ ହାସଲ କରିବା, ଭୋଟର ତାଲିକା ପ୍ରସ୍ତୁତି, ଆଧାର ନମ୍ବର, ବିବାହ ପଞ୍ଜୀକରଣ ଏବଂ ସରକାରୀ ଚାକିରି ପାଇଁ ଆବେଦନ ଆଦି ଲାଗି ଜନ୍ମ ପ୍ରମାଣପତ୍ରକୁ ଏକକ ଦସ୍ତାବିଜ ଭାବେ ବ୍ୟବହାର କରାଯିବ। ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ (ସଂଶୋଧନ) ବିଲ୍ ୨୦୨୩ ଜାତୀୟ ଓ ରାଜ୍ୟ ସ୍ତରୀୟ ଡାଟାବେସ୍ ପ୍ରସ୍ତୁତ କରିବାରେ ସହାୟକ ହେବ। ଫଳରେ ସରକାରୀ ସେବାକୁ ଫଳପ୍ରଦ ଭାବେ ଓ ସ୍ୱଚ୍ଛତାର ସହ ଲୋକମାନଙ୍କ ପାଖରେ ପହଞ୍ଚାଇହେବ। ଜନ୍ମ ଏବଂ ମୃତ୍ୟୁ ପଞ୍ଜୀକରଣର ନିୟମଗୁଡ଼ିକର ପରିବର୍ତ୍ତନ ପଛରେ ମୁଖ୍ୟ ଉଦ୍ଦେଶ୍ୟ ହେଉଛି କେନ୍ଦ୍ରୀୟ ଏବଂ ରାଜ୍ୟ ସ୍ତରରେ ଜନ୍ମ ଏବଂ ମୃତ୍ୟୁର ଏକ ଡାଟାବେସ୍ ପ୍ରସ୍ତୁତ କରିବା। ଏହି ନିୟମ ଲାଗୁ ହେବା ପରେ ରାଜ୍ୟ ଏବଂ କେନ୍ଦ୍ର ସରକାର ସହଜରେ ଜନ୍ମ ଏବଂ ମୃତ୍ୟୁର ତଥ୍ୟ ନିଜ ସହ ସେୟାର କରିବାକୁ ସକ୍ଷମ ହେବେ। ଏଥିପାଇଁ ରାଜ୍ୟ ଦ୍ୱାରା ମୁଖ୍ୟ ରେଜିଷ୍ଟ୍ରାର ଏବଂ ରେଜିଷ୍ଟ୍ରାର ନିଯୁକ୍ତ ହେବେ। ମୁ

ଶିକ୍ଷାନୁଷ୍ଠାନଗୁଡ଼ିକୁ ୟୁଜିସିର ପରାମର୍ଶ

ଦ୍ୱୈତ ଡିଗ୍ରି ବ୍ୟବସ୍ଥାରେ ସମସ୍ୟା ହେବନି ସିଏଲ୍‌ସି

ଭୁବନେଶ୍ୱର : ଦ୍ୱୈତ ଡିଗ୍ରି ବ୍ୟବସ୍ଥାରେ ନାମଲେଖା ନେଇ ୟୁଜିସି (ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ) ପୁନଶ୍ଚ ମାର୍ଗଦର୍ଶିକା ଜାରି କରିଛି । ନାମଲେଖା ସମୟରେ ପିଲାମାନେ ବିଭିନ୍ନ ସମସ୍ୟାକୁ ସାମ୍ନା କରୁଥିବା ୟୁଜିସି ଦର୍ଶାଇ ଏହି ମାର୍ଗଦର୍ଶିକା ଜାରି କରିଛି । ୟୁଜିସି ଦର୍ଶାଇଛି ଯେ, ଦ୍ୱୈତ ଡିଗ୍ରି ବ୍ୟବସ୍ଥାରେ ଛାତ୍ରଛାତ୍ରୀ ନାମଲେଖାରେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ବିଶେଷତଃ କଲେଜ ଲିଭିଂ ସାର୍ଟିଫିକେଟ୍ (ସିଏଲ୍‌ସି) ଓ ଚରିତ୍ର ପ୍ରମାଣପତ୍ର ଆଦି ପାଇଁ ପିଲାମାନେ ନାମଲେଖାରୁ ବଞ୍ଚିତ ହେଉଛନ୍ତି । ବିଶ୍ୱବିଦ୍ୟାଳୟଗୁଡ଼ିକ ଏକକାଳୀନ ଦ୍ୱୈତ ଡିଗ୍ରି ପାଇଁ ପିଲାଙ୍କଠାରୁ ନାନା ଡକ୍ୟୁମେଣ୍ଟ ଆଦାୟ କରୁଥିବାବେଳେ ପିଲାଙ୍କୁ ବିଭିନ୍ନ ସମସ୍ୟାରେ ସମ୍ମୁଖୀନ ହେବାକୁ ପଡୁଛି । ୟୁଜିସି ଆହୁରି ମଧ୍ୟ ଦର୍ଶାଇଛି ଯେ, ଦ୍ୱୈତ ଡିଗ୍ରି ଅଧ୍ୟୟନ ବ୍ୟବସ୍ଥା ପାଇଁ ୟୁଜିସି ପକ୍ଷରୁ ବିଗତ ବର୍ଷ ଏପ୍ରିଲ୍ ୧୩ ତାରିଖରେ ଏକ ମାର୍ଗଦର୍ଶିକା ଜାରି ହୋଇଛି । ଉକ୍ତ ମାର୍ଗଦର୍ଶିକାକୁ ଅନୁକରଣ କରିବା ତଥା ବିଶ୍ୱବିଦ୍ୟାଳୟଗୁଡ଼ିକରେ ଦ୍ୱୈତ ଡିଗ୍ରି ବ୍ୟବସ୍ଥା ତ୍ୱରିତ ଆରମ୍ଭ କରିବା ଦିଗରେ ପଦକ୍ଷେପ ପାଇଁ ପରାମର୍ଶ ଦେଇଛି । ଏନେଇ ୟୁଜିସି ସମସ୍ତ ବିଶ୍ୱବିଦ୍ୟାଳୟର କୁଳପତିମାନଙ୍କୁ ନିର୍ଦ୍ଦେଶନାମା ଜାରି କରିଛି ।ନୂଆ ଶିକ୍ଷାନୀତି ଅନୁଯାୟୀ ଛାତ୍ରଛାତ୍ରୀ ଏକକାଳୀନ ଦୁଇଟି ଡିଗ୍ରି ହାସଲ କରି ପାରିବେ । ଡିପ୍ଲୋମା, ୟୁଜି ଓ ପିଜି ଆଦି ଡିଗ୍ରି ଏକ ସମୟରେ ଅଧ୍ୟୟନ କରିପାରିବେ । ତେବେ ଦୁଇଟି ରେଗୁଲାର୍ ପାଠ୍ୟକ୍ରମ ପାଇଁ ଅଲଗା ଅଲଗା କ୍ଲାସ ସମୟ ରହିବା ଆବଶ୍ୟକ । ଅର୍ଥାତ ଗୋଟିଏ କୋର୍ସ ପାଇଁ ସକାଳ ସମୟରେ କ୍ଲାସ ହେଉଥିଲେ ଅନ୍ୟଟି ସଂଧ୍ୟା ସମୟରେ ହେବା ଜରୁରୀ । ଅନ୍‌ଲାଇନ୍ ଓ ଦୂର ନିରନ୍ତର ପାଇଁ ସମୟର ପ୍ରତିବନ୍ଧକ ରହିବ ନାହିଁ । ଡିପ୍ଲୋମା, ୟୁଜି ଓ ପିଜି ଆଦି ଡିଗ୍ରି ସ୍ତରରେ ଏହି ବ୍ୟବସ୍ଥା ଲାଗୁ ହେବାକୁ ଥିବାବେଳେ ଏମଫିଲ୍ ଓ ପିଏଚ୍‌ଡିରେ ଦ୍ୱୈତ ଡିଗ୍ରି ବ୍ୟବସ୍ଥା ଲାଗୁ ହେବ ନାହିଁ ବୋଲି ୟୁଜିସି କହିଛି ।

୨୦୩୦ ସୁଦ୍ଧା ଫାଇଲେରିଆମୁକ୍ତ ହେବ ଓଡ଼ିଶା

ଭୁବନେଶ୍ୱର : ଓଡ଼ିଶାରେ ପାଖାପାଖି ୬୦ ପ୍ରତିଶତ ଲୋକ ଫାଇଲେରିଆ ରୋଗରେ ଆକ୍ରାନ୍ତ ଅଛନ୍ତି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୨୦୨୭ ମସିହା ସୁଦ୍ଧା ରାଜ୍ୟରେ ଫାଇଲେରିଆ ରୋଗକୁ ନିର୍ମୂଳ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଏଥିଲାଗି ଦୁଇଟି ପର୍ଯ୍ୟାୟରେ ୨ କୋଟି ୭୩ ଲକ୍ଷ ଲୋକଙ୍କୁ ଫାଇଲେରିଆ ପ୍ରତିଷେଧକ ଔଷଧ ବଣ୍ଟନ କରାଯାଇଛି । ବିଭାଗୀୟ ତଥ୍ୟ ଅନୁଯାୟୀ, ରାଜ୍ୟକୁ ୨୦୩୦ ସୁଦ୍ଧା ଫାଇଲେରିଆ ମୁକ୍ତ କରିବା ପାଇଁ ସରକାର ଲକ୍ଷ୍ୟ ରଖିଥିବାବେଳେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହି ଲକ୍ଷ୍ୟ ୨୦୨୭ ରଖାଯାଇଛି । ବିଭାଗ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ଚଳିତ ବର୍ଷ ଫେବୃୟାରୀରେ ଫାଇଲେରିଆ ରୋଗର ନିରାକରଣ ପାଇଁ ୧୦ଟି ଜିଲାରେ ସାମୂହିକ ଔଷଧ ବଣ୍ଟନ କରାଯାଇଥିଲା । ପାଖାପାଖି ୧କୋଟି ୨୩ ଲକ୍ଷ ଲୋକଙ୍କୁ ଔଷଧ ଦିଆଯାଇଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟ ଅଗଷ୍ଟ ମାସରେ ଆରମ୍ଭ କରାଯାଇଥିଲା । ୧୧ଟି ଜିଲାରେ ୧ କୋଟି ୫୦ ଲକ୍ଷ ଲୋକଙ୍କୁ ଔଷଧ ଦିଆଯାଇଛି । ୯ଟି ଜିଲା ଫାଇଲେରିଆମୁକ୍ତ ଘୋଷଣା ପାଇଁ ଯୋଗ୍ୟତା ହାସଲ କରିଛି । ବର୍ତ୍ତମାନ ରାଜ୍ୟରେ ଫାଇଲେରିଆମୁକ୍ତ ଅଭିଯାନ ଜାରି ରହିଛି । ଉକ୍ତ ରୋଗ ପାଇଁ ୩ ପ୍ରକାର ଔଷଧ ଦିଆଯାଉଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୧ କୋଟି ୮୧ ଲକ୍ଷ ଆଲ୍ବେଣ୍ଡାଜୋଲ, ୪କୋଟି ୫୩ ଲକ୍ଷ ଡିଇସି ଏବଂ ୪କୋଟି ୫୪ ଲକ୍ଷ ଆଇଭରମେଟିନ ବଟିକା ବଣ୍ଟାଯାଇଛି । ବିଭାଗୀୟ ଯୁଗ୍ମ ନିର୍ଦ୍ଦେଶକ ଡାକ୍ତର ଶୁଭାଶିଷ ମହାନ୍ତି କହିଛନ୍ତି, ରାଜ୍ୟରେ ମଶାବାହିତ ରୋଗ ମଧ୍ୟରୁ ଡେଙ୍ଗୁ, ଫାଇଲେରିଆ, ମ୍ୟାଲେରିଆ ଭଳି ରୋଗର ପ୍ରଭାବ ରହିଛି । କ୍ୟୁଲେକ୍ସ ମଶାଙ୍କ ଦ୍ୱାରା ଫାଇଲେରିଆ ରୋଗ ହେଉଥାଏ । ଫାଇଲେରିଆମୁକ୍ତ ଅଭିଯାନରେ ଡାକ୍ତରୀ ଛାତ୍ରୀଛାତ୍ର, ଆଶାକର୍ମୀ ଓ ତାଲିମପ୍ରାପ୍ତ ସ୍ୱେଚ୍ଛାସେବୀ ସାମିଲ ହୋଇ ବହୁ ଜିଲାରେ ଲୋକଙ୍କୁ ଔଷଧ ବଣ୍ଟନ କରିଥିଲେ । ପୂର୍ବରୁ ଫାଇଲେରିଆ ପାଇଁ ଆଲ୍ବେଣ୍ଡାଜୋଲ ଓ ଡିଇସି ବଟିକା ଦିଆଯାଉଥିବାବେଳେ ବର୍ତ୍ତମାନ ଆଇଭରମେଟିନ ବଟିକା ମଧ୍ୟ ଦିଆଯାଇଛି । ଔଷଧ ବିତରଣରେ ସମଗ୍ର ଦେଶରେ ଉତ୍ତରପ୍ରଦେଶ ପ୍ରଥମ ସ୍ଥାନରେ ଥିବା ବେଳେ ବିହାର ଦ୍ୱିତୀୟ ଏବଂ ଓଡ଼ିଶା ତୃତୀୟ ସ୍ଥାନରେ ରହିଛି । ଜାତୀୟ ଭେକ୍ଟର ବୋର୍ନ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ (ଏନ୍‌ଭିବିଡିସିପି) ଜରିଆରେ ରାଜ୍ୟର ମଶାପ୍ରବଣ ଅଞ୍ଚଳରେ ୨୦୧୬, ୨୦୨୦ ଓ ୨୦୨୧ ମସିହାରେ ଲୋକଙ୍କୁ ମଶାରି ବଣ୍ଟନ କରାଯାଇଥିଲା । ଚଳିତ ବର୍ଷ ମଧ୍ୟ ମଶାରି ବଣ୍ଟନ କରାଯିବାକୁ ବିଭାଗ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି ।

ଏଥର ବି ହେବନି ଛାତ୍ର ସଂସଦ ନିର୍ବାଚନ

ଭୁବନେଶ୍ୱର : ଚଳିତ ବର୍ଷ ହେବନି ଛାତ୍ର ସଂସଦ ନିର୍ବାଚନ । କ୍ରମାଗତ ଷଷ୍ଠ ଥର ପାଇଁ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ କ୍ୟାମ୍ପସରେ ନିର୍ବାଚନ ନ କରିବାକୁ ରାଜ୍ୟ ସରକାର ନିଷ୍ପତି ନେଇଛନ୍ତି । ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶିତ ବାର୍ଷିକ ଶିକ୍ଷା କ୍ୟାଲେଣ୍ଡରରେ କାର୍ଯ୍ୟ ଦିବସ, ପରୀକ୍ଷା ଆରମ୍ଭ, ଶେଷ, ଫଳ ପ୍ରକାଶ, ପୂଜା ଛୁଟି ନେଇ ସବିଶେଷ ତଥ୍ୟ ରହିଛି । ମାତ୍ର କେବଳ ଛାତ୍ର ସଂସଦ ନିର୍ବାଚନ କଥା ଉଲ୍ଲେଖ ନାହିଁ । ଚଳିତ ଶିକ୍ଷାବର୍ଷରେ ୧୮୦ ଦିନ ଛାତ୍ରଛାତ୍ରୀଙ୍କ ପାଠପଢ଼ା ହେବ ଏବଂ ରବିବାର ବ୍ୟତୀତ ୭୨ଟି ଛୁଟି ଦିବସ ରହିଛି । ୨୦୨୪ ମେ' ୫ରୁ ଜୁନ୍ ୧୯ ମଧ୍ୟରେ ଗ୍ରୀଷ୍ମ ଛୁଟି ହେବ । ୨୦୨୩-୨୪ ଶିକ୍ଷାବର୍ଷରେ ଉଚ୍ଚଶିକ୍ଷା ବିଭାଗ ଅଧୀନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡ଼ିକରେ ଏକକ ଶିକ୍ଷା କ୍ୟାଲେଣ୍ଡର କଡ଼ାକଡ଼ି ଲାଗୁ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ପୂଜା ଛୁଟି ଅକ୍ଟୋବର ୨୧ରୁ ୨୮ ତାରିଖ ମଧ୍ୟରେ ଅନୁଷ୍ଠିତ ହେବ । ତେଣୁ ଏଥିରୁ ସ୍ପଷ୍ଟ ଚଳିତ ବର୍ଷ ମଧ୍ୟ ଛାତ୍ର ସଂସଦ ନିର୍ବାଚନ ହେବ ନାହିଁ । ଛାତ୍ର ସଂସଦ ନିର୍ବାଚନ କରାଇବାକୁ ବିଭିନ୍ନ ରାଜନୈତିକ ଦଳର ଛାତ୍ର ସଂଗଠନ ଦାବି କରି ଆସୁଥିବା ବେଳେ ଏହାକୁ ଖାତିର କରୁ ନାହାନ୍ତି ରାଜ୍ୟ ସରକାର । ୨୦୧୮ ମସିହାରୁ କଲେଜ କ୍ୟାମ୍ପସରେ ନିର୍ବାଚନକୁ ସମ୍ପୂର୍ଣ୍ଣ ବନ୍ଦ କରି ଦିଆଯାଇଛି । ନିର୍ବାଚନ ହେଲେ ପାଠପଢ଼ା ବନ୍ଦ ରହୁଥିବା ବେଳେ କ୍ୟାମ୍ପସରେ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜୁଛି । ଏଥିସହ ହିଂସାକାଣ୍ଡ ବି ବଢୁଛି । ସେଥିପାଇଁ ରାଜ୍ୟ ସରକାର ନିର୍ବାଚନ ବନ୍ଦ ନେଇ ନିଜ ନିଷ୍ପତ୍ତିରେ ଅଟଳ ରହିଛନ୍ତି ।

ମିଲେଟ୍‌କୁ ଉତ୍ତମ ବିକଳ୍ପର ମାନ୍ୟତା ଦେଇଛି ଓଡ଼ିଶା ମିଲେଟ୍ ମିଶନ୍

ମିଲେଟ୍ ଚାଷ ପାଇଁ ଓଡ଼ିଶାର ବାତାବରଣ ଉପଯୋଗୀ

ଭୁବନେଶ୍ୱର : ମିଲେଟ୍ ଫସଲ ଉତ୍ପାଦନରେ ତୀବ୍ର ବୃଦ୍ଧି ଏବଂ କୃଷକମାନଙ୍କ ପାଇଁ ଉତ୍ତମ ଆୟର ସୁଯୋଗରେ ଓଡ଼ିଶା ରେକର୍ଡ କରିଛି । ୨୦୧୭ରେ ଓଡ଼ିଶା ମିଲେଟ୍ ମିଶନ୍ ଆରମ୍ଭ ହେବା ପରେ ରାଜ୍ୟରେ ବହୁସଂଖ୍ୟକ କୃଷକ ମିଲେଟ୍ ଉତ୍ପାଦନ ଆଡ଼କୁ ମନ ବଳାଇଛନ୍ତି । ମିଲେଟ୍ ଉତ୍ପାଦନ କମି କମି ଆସୁଥିବା ବେଳେ ଏହାର ଉପକାରିତାକୁ ଦୃଷ୍ଟିରେ ରଖି ଓଡ଼ିଶା ମିଲେଟ୍ ମିଶନ କୃଷକମାନଙ୍କୁ ପୁଣି ମିଲେଟ୍ ଚାଷ ପ୍ରତି ଆକର୍ଷିତ କରିପାରିଛି । ଓଡ଼ିଶାରେ ବର୍ଷସାରା ଉଷ୍ଣ ବାତାବରଣ ରହିଥାଏ । ତେଣୁ ଏହି ଜଳବାୟୁରେ ଚାଷକାର୍ଯ୍ୟ କଷ୍ଟସାଧ୍ୟ । ମାତ୍ର ମିଲେଟ୍ ଚାଷ ପାଇଁ ସ୍ୱଳ୍ପ ଜଳର ଆବଶ୍ୟକତା ପଡୁଥିବାରୁ ଓଡ଼ିଶାର ବାତାବରଣ ଉପଯୋଗୀ । ଏହାର ଉତ୍ପାଦନ ବଢ଼ାଇବା ସହ ରାଜ୍ୟର ପ୍ରତି ଘରେ ମିଲେଟ୍‌କୁ ପହଞ୍ଚାଇବା ପାଇଁ ମିଲେଟ୍ ମିଶନ ଜରିଆରେ ରାଜ୍ୟ ସରକାର ଚେଷ୍ଟା ଜାରି ରଖିଛନ୍ତି । ଓଡ଼ିଶା ମିଲେଟ୍ ମିଶନ ରାଜ୍ୟରେ ମିଲେଟ୍ ଉତ୍ପାଦନକୁ ପ୍ରୋତ୍ସାହନ ଦେଇଛି, ଫଳରେ ଓଡ଼ିଶାରେ ଏଥର ଆଖିଦୃଶିଆ ରାଗି ଉତ୍ପାଦନ ବୃଦ୍ଧି ପାଇଛି । ୨୦୧୬-୧୭ ମସିହାରେ ମାତ୍ର ୪୦ ହଜାର କ୍ୱିଣ୍ଟାଲ ମିଲେଟ୍ ଉତ୍ପାଦନ ହୋଇଥିବା ବେଳେ ୨୦୨୧-୨୨ରେ ଏହା ୭ଲକ୍ଷ କ୍ୱିଣ୍ଟାଲକୁ ବୃଦ୍ଧି ପାଇଛି । ୨୦୨୨ ଜୁଲାଇ ସୁଦ୍ଧା ଓଡ଼ିଶା ମିଲେଟ୍ ମିଶନରେ କୃଷକମାନଙ୍କ ସଂଖ୍ୟା ୮ ହଜାରରୁ ୧.୫ ଲକ୍ଷରୁ ଅଧିକ ବୃଦ୍ଧି ପାଇଛି । ମିଲେଟ୍ ଚାଷରୁ ସଫଳତା ପାଇଥିବା ଅନୁଗୁଳ ଜିଲ୍ଲାର ଜଣେ କୃଷକ କହିଛନ୍ତି, ଚାଷ ପାଇଁ ଆଗରୁ ଆମକୁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା । କିନ୍ତୁ ମିଲେଟ୍ ଚାଷ କରିବା ଭାରି ସହଜ । ମିଲେଟ୍ ଚାଷ କରିବା ଫଳରେ ବଜାରର ମହଙ୍ଗା ମାଡ଼ରେ ମଧ୍ୟ ଉନ୍ନତ ଜୀବନଶୈଳୀ ଏବଂ ସ୍ୱାସ୍ଥ୍ୟ ବିକଳ୍ପ ପ୍ରଦାନ କରିବାକୁ ସକ୍ଷମ ହୋଇପାରିଛୁ । ଜଣେ ସରକାରୀ ଅଧିକାରୀ କହିଛନ୍ତି, ଓଡ଼ିଶା ମିଲେଟ୍ ମିଶନ୍ ନାଗରିକଙ୍କ ମଧ୍ୟରେ ଏକ ଅଦମ୍ୟ ବିଶ୍ୱାସ ସୃଷ୍ଟି କରିଛି ।

ପରବର୍ତ୍ତୀ ପର୍ଯ୍ୟାୟକୁ ଯିବା ଦ୍ୱାରା ଆମ ରାଜ୍ୟରେ ମିଲେଟ୍ ସମ୍ଭାବନାକୁ ପ୍ରଦର୍ଶନ କରିବା ପାଇଁ ଉନ୍ନତ ରଣନୀତି ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରଖିଛୁ । ଚାଷ ସମୟରେ ଅଧିକ ରାସାୟନିକ ସାର ପ୍ରୟୋଗ କରାଯିବା ଦ୍ୱାରା ପରବର୍ତ୍ତୀ ପର୍ଯ୍ୟାୟରେ ବହୁତ ଅସୁବିଧା ଦେଖାଯାଇଥାଏ । ମିଲେଟ୍ ମିଶନ୍ ଜରିଆରେ ଓଡ଼ିଶା ସରକାର ଏ ବିଷୟରେ ଚାଷୀମାନଙ୍କୁ ଅବଗତ କରାଇଛନ୍ତି । ଏହାସହ ମିଲେଟ୍ ଚାଷକୁ କିଭଳି ଆହୁରି ଉନ୍ନତମାନର କରାଯାଇପାରିବ, ତାହାର ଉପାୟ ମଧ୍ୟ ଚାଷୀଙ୍କୁ ଶିଖାଇଛନ୍ତି । ଓଡ଼ିଶା ମିଲେଟ୍ ମିଶନ୍ ପକ୍ଷରୁ କୃଷକମାନଙ୍କ ପାଇଁ ସିଧାସଳଖ ବ୍ୟାଙ୍କ ଟ୍ରାନ୍ସଫର୍ ଓ ବିଭିନ୍ନ ପୋର୍ଟାଲ କାର୍ଯ୍ୟକାରୀ କରାଯାଉଛି । ଏଥିସହ ଏହାର ଗୁଣବତ୍ତା ପ୍ରତି ମଧ୍ୟ ଧ୍ୟାନ ରଖାଯାଉଛି । ଏହି ପଦକ୍ଷେପ ଦ୍ୱାରା ରାଗି ପରି କିଛି ଫସଲର ଅମଳ ସ୍ୱଳ୍ପ ସମୟ ମଧ୍ୟରେ ଯଥେଷ୍ଟ ବୃଦ୍ଧି ପାଇଥିବା ଦେଖାଯାଇଛି । ରାଜ୍ୟ ସରକାରଙ୍କ ବାରମ୍ବାର ପଦକ୍ଷେପ ଜରିଆରେ କୃଷକମାନେ ସେମାନଙ୍କର ପାରମ୍ପରିକ ଫସଲକୁ ଗ୍ରହଣ କରିବା ସହ ସେମାନଙ୍କ ପରିଶ୍ରମର ଉଚିତ ମୂଲ୍ୟ ପାଇବାରେ ସକ୍ଷମ ହୋଇପାରୁଛନ୍ତି । ଓଡ଼ିଶା ମିଲେଟ୍ ମିଶନ୍ ଏହାର ପରବର୍ତ୍ତୀ ପର୍ଯ୍ୟାୟକୁ ଯିବା ସହ ମିଲେଟ୍ର ଗ୍ରହଣଶୀଳତାକୁ ଅଧିକ ସୁଗମ ଏବଂ ନମନୀୟ କରିବା ପାଇଁ ଉତ୍ତମ ରଣନୀତି ଏବଂ ବୈଜ୍ଞାନିକ କୌଶଳକୁ ସୁନିଶ୍ଚିତ କରୁଛି ।

ଦ୍ରୁତ ଗତିରେ ଆଗେଇ ଚାଲିଛି ଶ୍ରୀସେତୁର ନିର୍ମାଣ କାର୍ଯ୍ୟ

ପୁରୀ : ଦ୍ରୁତ ଗତିରେ ଆଗେଇ ଚାଲିଛି ଶ୍ରୀସେତୁ ନିର୍ମାଣ କାର୍ଯ୍ୟ । ମାଳତିପାଟପୁର ବାଇପାସ ଠାରୁ ଶ୍ରୀଜଗନ୍ନାଥ ବଲ୍ଲଭ ମଠକୁ ସଂଯୋଗୀକରଣ କରୁଥିବା ଏହି ସେତୁ ନିର୍ମାଣ ନେଇ ପାଖାପାଖି ୪୦ ଏକର ଜମି ଅଧିଗ୍ରହଣ ହୋଇଛି । ଏହି ସେତୁର ଲମ୍ବ ୨.୫ କିଲୋମିଟର ରହିଛି । ଏହାଦ୍ୱାରା ବହିରାଗତ ଯାତ୍ରୀ, ପର୍ଯ୍ୟଟକ ତଥା ପୁରୀ ବାସିନ୍ଦାଙ୍କ ପାଇଁ ଗମନାଗମନ ବ୍ୟବସ୍ଥା ନେଇ ବେଶ ସୁବିଧା ହୋଇପାରିବ ବୋଲି ଜଣାପଡିଛି । ସରକାରଙ୍କ ଏହି ପ୍ରକଳ୍ପ ନିର୍ମାଣକୁ ନେଇ ସାଧାରଣରେ ସ୍ୱାଗତ କରାଯାଇଥିବା ବେଳେ ପ୍ରକଳ୍ପ ନିର୍ମାଣ କାର୍ଯ୍ୟକୁ ଚଳିତ ବର୍ଷ ଡିସେମ୍ବର ମଧ୍ୟରେ ଶେଷ କରାଯିବ ବୋଲି ଲକ୍ଷ୍ୟ ରଖାଯାଇଛି । ବିଶ୍ୱ ମାନଚିତ୍ରରେ ବିଖ୍ୟାତ ହେବ ପୁରୀ । ଯୋଗାଯୋଗର ମୁଖ୍ୟ ମାଧ୍ୟମ ସାଜିବ ଶ୍ରୀସେତୁ । ବଡ ଲକ୍ଷ୍ୟ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଜିଲ୍ଲାରେ ଜାରି ରହିଛି ଅନେକ ପ୍ରକଳ୍ପ । ସେଥିରୁ ଏକ ପ୍ରମୁଖ ପ୍ରକଳ୍ପ ହେଉଛି ପୁରୀ ଶ୍ରୀସେତୁ । ମାଳତୀପାଟପୁର ବାଇପାସ ରାସ୍ତାରୁ ଶ୍ରୀଜଗନ୍ନାଥ ବଲ୍ଲଭ ମଠ ପର୍ଯ୍ୟନ୍ତ ପ୍ରାୟ ଅଢେଇ କିଲୋମିଟର ପର୍ଯ୍ୟନ୍ତ

ଏହା ସଂଯୋଗ କରିବ । ଏହି ସେତୁ ମୁଖ୍ୟତଃ ଟ୍ରମ୍ପେଡ଼ ବ୍ରିଜ ଆକାରର । ଏହି ସେତୁର ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଜାରି ରହିଛି । ଏନେଇ ୪୦ ଏକର ଜମି ଅଧିଗ୍ରହଣ କରାଯାଇଥିବା ବେଳେ ସେତୁ ନିର୍ମାଣ ପ୍ରାୟତଃ ୯୦ ପ୍ରତିଶତ ସରିଛି । ଚଳିତ ବର୍ଷ ଡିସେମ୍ବର ସୁଦ୍ଧା ଏହି ବୃହତ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି । ପ୍ରାୟ ୧୬୧ କୋଟି ଟଙ୍କାରୁ ଅଧିକ ବ୍ୟୟଅଟକଳରେ ଶ୍ରୀସେତୁ ନିର୍ମାଣ କାର୍ଯ୍ୟ ଚାଲିଛି । ପ୍ରକଳ୍ପ ଶେଷ ହେଲେ ପୁରୀକୁ ଆସୁଥିବା ଯାତ୍ରୀ ଓ ପର୍ଯ୍ୟଟକଙ୍କ ଯାତ୍ରା ସୁଗମ ହେବା ସହ ଟ୍ରାଫିକ ସମସ୍ୟା କମିବ ବୋଲି ଆଶା କରାଯାଉଛି । ଶ୍ରୀସେତୁ ନିକଟ ସମଙ୍ଗ ମୌଜାରେ ଏକ ପାର୍କିଙ୍ଗ ସ୍ଥଳ ନିର୍ମାଣ ହୋଇଛି । ୪୭ ଏକର ପରିମିତ ଏହି ପାର୍କିଙ୍ଗରେ ୫୦ଟି ବ୍ୟାଟେରୀ ଗାଡ଼ି, ୩୫ଟି ଇଲେଟ୍ରିକ ବସ ରହି ପାରିବ । ରଥଯାତ୍ରା, ସୁନାବେଶ ଭଳି ଯାନିଯାତ୍ରା ସମୟରେ ଗହଳିକୁ ନଜରରେ ରଖି ସହରରେ ଭାରୀଯାନ ଯାତାୟାତ ବନ୍ଦ ରଖାଯିବା ବେଳେ ଏହି ଗାଡ଼ି ଗୁଡିକ ସାହାର୍ଯ୍ୟରେ ପର୍ଯ୍ୟଟକ ମାନେ ସିଧାସଳଖ ଶ୍ରୀ ଜଗନ୍ନାଥ ପାର୍କିଙ୍ଗକୁ ଯାଇ ପାରିବେ । ସରକାରଙ୍କ ଏହି ବୃହତ ପ୍ରକଳ୍ପ ଯୋଜନାକୁ ସାଧାରଣରେ ସ୍ୱାଗତ କରାଯାଇଛି ।

ଯଯାତି କେଶରୀଙ୍କ ନାମରେ ଯାଜପୁର ମେଡିକାଲ କଲେଜ

ଭୁବନେଶ୍ୱର : ଯାଜପୁର ମେଡିକାଲ କଲେଜ ଏବଂ ଡାକ୍ତରଖାନାର ନାମ ଯଯାତି କେଶରୀଙ୍କ ନାମରେ ନାମିତ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

ଅନୁମୋଦନ କରିଛନ୍ତି । ନିକଟରେ ୫ଟି ସଚିବଙ୍କ ଗସ୍ତ ସମୟରେ ଯାଜପୁରବାସୀ ମେଡିକାଲ କଲେଜକୁ ଯଯାତି କେଶରୀଙ୍କ ନାମରେ ନାମିତ କରିବାକୁ ଅନୁରୋଧ କରିଥିଲେ । ପ୍ରାଚୀନ ଓଡିଶାର ପ୍ରସିଦ୍ଧ ସୋମବଂଶୀ ଶାସକ ଯଯାତି କେଶରୀ ଓଡିଶାବାସୀଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି । ଲିଙ୍ଗରାଜ ମନ୍ଦିର ସହିତ ବହୁ ଗୁରୁତ୍ୱପୂର୍ଣ୍ଣ ମନ୍ଦିର ନିର୍ମାଣ ସହ ଅଭିନବ ଯାଯନଗର ତଥା ଆଧୁନିକ ଯାଜପୁର ସେତେବେଳର ସୋମବଂଶର ରାଜଧାନୀ ଥିଲା । ଆସନ୍ତାବର୍ଷ ଶିକ୍ଷାବର୍ଷରୁ ମେଡିକାଲ କଲେଜ କାର୍ଯ୍ୟକ୍ଷମ ହେବାକୁ ଯାଉଛି । ଏନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ୫୨୬ କୋଟି ୨୧ ଲକ୍ଷ ଟଙ୍କା ବ୍ୟୟରେ ଯାଜପୁରରେ ମେଡିକାଲ କଲେଜ ଖୋଲିବାକୁ ଯାଉଛି । ୪୬ ଏକର ଯାଗାର ମେଡିକାଲର କ୍ୟାମ୍ପସ ରହିଛି । ରାଜ୍ୟ ସରକାର ନ୍ୟାସନାଲ ମେଡିକାଲ କମିଶନଙ୍କ ନିକଟରେ ଏଲଓପି ବା ଲେଟର ଅଫ ପରମିଶନ ପାଇଁ ଆବେଦନ କରିଛନ୍ତି । ଆସନ୍ତାଶିକ୍ଷା ବର୍ଷରୁ ୧୦୦ ଏମବିବିଏସ ସିଟ୍‌ରେ ନାମ ଲେଖା ହେବ । ଯାଜପୁରର ମେଡିକାଲ କଲେଜ କାର୍ଯ୍ୟକ୍ଷମ ହେଲେ ରାଜ୍ୟରେ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ ସଂଖ୍ୟା ୧୨ରେ ପହଞ୍ଚିବ । ପ୍ରତିବର୍ଷ ୧୬୫୦ ଡାକ୍ତର ବାହାରିବେ । ଅକ୍ଟୋବର ୧୫ ସୁଦ୍ଧା ଏକାଡେମିକ ବ୍ଲକର କାମ ଏବଂ ନଭେମ୍ବର ଶେଷ ସୁଦ୍ଧା ସମ୍ପୂର୍ଣ୍ଣ ମେଡିକାଲ କଲେଜର ନିର୍ମାମ କାମ ସାରିବାକୁ ଫାଇଭ ଟି ସଚିବ ନିର୍ଦ୍ଦେଶ ଦେଇଥିଲେ ।

ଶିଖରଚଣ୍ଡୀ ପାହାଡ଼ ନଷ୍ଟ ଘଟଣା

ଚନ୍ଦକା ଡିଏଫଓଙ୍କୁ ଏନ୍‌ଜିଟି ଛାଟ

ଭୁବନେଶ୍ୱର : ଦେଖୁ ଦେଖୁ ଜୈବ ବିବିଧତାରେ ପରିପୂର୍ଣ୍ଣ ଶିଖରଚଣ୍ଡୀ ପାହାଡର ସୌନ୍ଦର୍ଯ୍ୟକୁ ଲୁଟି ନେଲେ । ମାଟିରେ ମିଶିଗଲା ସବୁଜିମା । ବର୍ଷ ବର୍ଷ ଧରି ଶିଖରଚଣ୍ଡି ପାହାଡ଼ରେ ହସୁଥିବା ସବୁଜ ବନାନୀ ଏବେ ଲଣ୍ଡା ହୋଇ ଯାଇଛି । ଗଛଲତାର ଚିହ୍ନବର୍ଣ୍ଣ ଆଉ ମିଳୁନି । ଏବେ ଏହି ଘଟଣାକୁ ନେଇ ଚନ୍ଦକା ଡିଏଫଓଙ୍କ ଉପରେ ବାଜି

ସୁଖ ପାଖରେ ଜ୍ଞାନ
ନଥାଏ । ଯିଏ ଜ୍ଞାନୀ
ସେ ସୁଖ ପଛରେ
ଗୋଡ଼ାଏ ନାହିଁ ।



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧୮ - ୨୪ ସେପ୍ଟେମ୍ବର, ୨୦୨୩

ସତରେ, ଅସୁବିଧା କେଉଁଠି

ଆଜିକାଲି ଯିଏ ଯାହା କହିଲା, ସେ ଠିକ କହୁଛି ବୋଲି କହୁଛି । ଖଣ୍ଡପଡା ବିଧାୟକ ତଥା 'ସମ୍ବାଦ' ସମ୍ପାଦକ ସୌମ୍ୟ ପଟ୍ଟନାୟକ ନିଜ କାଗଜରେ ଯେଉଁ ସମ୍ପାଦକୀୟ ଲେଖିଛନ୍ତି ତାହାକୁ ବିଜେଡି କହିଛି ସେ ଲେଖନ୍ତୁ କିନ୍ତୁ ଦଳରେ ଥାଇ ନୁହେଁ । ଚୋରକୁ କେହି କେବେ ସିଧା ଚୋର କହି ରକ୍ଷା ପାଇବାର ଦେଖିଛନ୍ତି ? ପ୍ରତିକ୍ରିୟା ସୁନିଶ୍ଚିତ ଜାଣି ସୌମ୍ୟ ବାବୁ ନିଜ କଥାରେ ଏଯାଏ ଅଟଳ ଥିବାର ଦେଖାଯାଉଛି । କିନ୍ତୁ ବିଜେଡି ପକ୍ଷରୁ ଏହାକୁ ନେଇ ସୌମ୍ୟ ବାବୁଙ୍କୁ ପ୍ରକାରାନ୍ତରେ ବିଭିନ୍ନ ପରାମର୍ଶ ଦିଆଯାଉଛି । କଥା ଉଠୁଛି କ'ଣ ଲେଖିଲେ ସୌମ୍ୟ ବାବୁ ! ଗଣତନ୍ତ୍ରରେ ନିର୍ବାଚିତ ପ୍ରତିନିଧି ବଡ଼ କି ପ୍ରଶାସନିକ ଅଧିକାରୀ ବଡ଼ ଏହା ହିଁ ବୋଧେ ତାଙ୍କର ମୂଳ ଉଦ୍ଦେଶ୍ୟ । ହେଲେ ଏହାକୁ ବିଚାର କରିବ କିଏ ? ସେ ଯେଉଁ ପ୍ରଶ୍ନ ଉଠାଇଛନ୍ତି ତାହା ଆମର ଲୋକପ୍ରିୟ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ନୁହେଁ ବରଂ ଶାସନ ବ୍ୟବସ୍ଥାର ତ୍ରୁଟି ସେ ଦର୍ଶାଇଛନ୍ତି । ହେଲେ ଯେତେବେଳେ ରାଜ୍ୟ ଶାସନର ମୁଖ୍ୟ ଜଣଙ୍କୁ ଦାୟିତ୍ୱ ଦେବେ ତାହା ତ ନିଶ୍ଚୟ ପାଳନ ହେବ, ଏଥିରେ ଅସୁବିଧା ନାହିଁ । ହେଲେ ସୌମ୍ୟ ବାବୁ ମୁଖ୍ୟମନ୍ତ୍ରୀଙ୍କୁ ଟାର୍ଗେଟ ନକରି ଜଣେ ସଚିବଙ୍କ କାର୍ଯ୍ୟାଧାରାକୁ ନେଇ ଯେଉଁ ପ୍ରଶ୍ନ ଉଠାଇଛନ୍ତି ତାହା ହିଁ ଅସଲ ପ୍ରସଙ୍ଗ । ସୌମ୍ୟଙ୍କ କହିବା କଥା ଗଣତନ୍ତ୍ରରେ ନିର୍ବାଚିତ ଜନପ୍ରତିନିଧି ବଡ ନା ଆଇନକୁ କାର୍ଯ୍ୟକାରୀ କରୁଥିବା ଅଧିକାରୀ ବଡ଼ । ମୂଳ ବିବାଦ ଏଇଠାରୁ ହିଁ ଆରମ୍ଭ ହୋଇଛି । ବିଜେଡି କହିବା କଥା ଜନତାଙ୍କ ସମସ୍ୟାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ ଯାହାଙ୍କୁ ଦାୟିତ୍ୱ ଦେବେ ସେ ଏହାକୁ ପାଳନ କରିବାରେ ଅସୁବିଧା କେଉଁଠି ? ଏଇଟା ବୁଝିଗଲେ ଅତି ସହଜ ମନେହେବ । ବାସ୍ତବରେ କ'ଣ ଏହା ସତ୍ୟ ? ଯେଉଁଥିରେ ଶାସନ ମୁଖ୍ୟ ସମଗ୍ର ଶାସନ ବ୍ୟବସ୍ଥା ନିୟନ୍ତ୍ରଣ କରୁଛନ୍ତି, ସେଠାରେ ନିର୍ବାଚିତ ପ୍ରତିନଧିମାନଙ୍କ ଭୂମିକା ରହିଛି କି ନା ତାହା ହେଉଛି ସୌମ୍ୟଙ୍କ ପ୍ରଶ୍ନ । ଯେହେତୁ ସେ ଶାସକ ଦଳର ଜଣେ ନିର୍ବାଚିତ ପ୍ରତିନିଧି ତେଣୁ ଏଭଳି ପ୍ରସଙ୍ଗ ତାଙ୍କ ମୁଣ୍ଡକୁ ଢୁକିବାରେ ହିଁ ଅସୁବିଧା ରହିଛି । ହେଲେ ଏହା ସେ ଦଳ ମୁଖିଆ କିମ୍ବା ବିଜେଡି ସଙ୍ଗଠନ ଦ୍ୱାରା ନକୁହାଇ ସିଧା ଗଣମାଧ୍ୟମରେ ପ୍ରକାଶ କରିବା ଦ୍ୱାରା ଦଳ ପାଇଁ ଅଡୁଆ ସୃଷ୍ଟି ହୋଇଛି । କଥା ଉଠୁଛି ଦଳର ଅନ୍ୟ ନେତା ଏହି ପ୍ରସଙ୍ଗରେ ଚୁପ ଥିଲା ବେଳେ ସଚିବଙ୍କ ଗସ୍ତ ଖର୍ଚ୍ଚ ନେଇ ସୌମ୍ୟ ଯେଭଳି ସ୍ୱର ଉଠାଇଛନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏବେ ବିଜେଡି ଏହାର ରୋକଠୋକ ଜବାବ ଦେଇଛି । ହେଲେ ଯେଉଁ ବିରୁଡି ବସାରେ ହାତ ମାରିବାକୁ ରାଜ୍ୟରେ କାହାର ସାହସ ହେଉନଥିଲା ସୌମ୍ୟ ବାବୁ ବୀର ସୈନିକ ଭଳି ସେଠାରେ ହାତ ମାରି ଦେଇଛନ୍ତି । ନିଜକୁ ପଡିଲେ ପ୍ରମାଦ ଗୁରୁ ବ୍ରାହ୍ମଣ ଶିରଛେଦ ଭଳି ସୌମ୍ୟ ଏହି ଛେଦନର ଗୋଟିଏ ମୁଣ୍ଡ ହୋଇଗଲେ । ଦଳରେ ଥାଇ ଦଳ ବିରୋଧୀ ଆଭିମୁଖ୍ୟ ରଖିବା ନେଇ ସୌମ୍ୟଙ୍କୁ ବିଜେଡିର କିଛି ମନ୍ତ୍ରୀ ନେତା ଅନେକ କଥା କହିବାକୁ ପଛାଉ ନାହାନ୍ତି । କେହି କେହି କହୁଛନ୍ତି ସୌମ୍ୟ ମନ୍ତ୍ରୀ ହୋଇପାରିଲେନି ବୋଲି ରକ୍ତ ଚାଉଳ ଚୋବାଇ ଏଭଳି ବିବୃତି ରଖୁଛନ୍ତି । ସୌମ୍ୟ କିନ୍ତୁ କହୁଛନ୍ତି, ଏହା କେବଳ ତାଙ୍କ ସ୍ୱର ନୁହେଁ ତାଙ୍କ ସହିତ ବିଜେଡିର ଅନେକ ଅସନ୍ତୁଷ୍ଟ ନେତା ଅଛନ୍ତି ଏବଂ ସମସ୍ତଙ୍କ ସ୍ୱର ସମାନ । ହେଲେ ବିଜେଡିର କହିବା କଥା, ଯେଉଁ ଡଙ୍ଗାରେ ବସି ସୌମ୍ୟ ରାଜନୀତିର ନଈ ପାର ହେଲ ସେ ଡ଼ଙ୍ଗାରେ ଛିଦ୍ର କରିବା କେତେ ଯଥାର୍ଥ ! ପ୍ରଶ୍ନ ଉଠୁଛି ସୌମ୍ୟ କ'ଣ ଏହା ଭୁଲିଯାଇଛନ୍ତି ନା ଏଥିରେ ଆଉ କିଛି ଭିତିରି ରହସ୍ୟ ରହିଛି ? ଯାହା ଜଣାପଡୁଛି ବିଜେଡି ଭିତରେ ଅନେକ ଅସନ୍ତୋଷ ରହିଛି । କହିବାକୁ ସାହସ ଜୁଟାଇ ନପାରି ବହୁ ନେତା ଚୁପ ରହିଛନ୍ତି । ହେଲେ ଚୁପ ରହିନାହାନ୍ତି ସୌମ୍ୟ । ସେ ନିଜ ଦଳ କିମ୍ବା ଦଳର ସୁପ୍ରିମୋଙ୍କୁ କୌଣସି ଦୋଷ ନଦେଇ କେବଳ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବଙ୍କ ପାଇଁ କିଛି ପ୍ରଶ୍ନ ଛାଡିଛନ୍ତି । ବର୍ତ୍ତମାନ ପ୍ରଶ୍ନ ଉଠୁଛି ସୌମ୍ୟଙ୍କୁ ବିଜେଡି ଉପସଭାପତି ପଦରୁ ବାହାର କରିବା ପରେ ଯଦି ସେ ଦଳରୁ ଇସ୍ତଫା ନଦିଅନ୍ତି ଦଳ କିଭଳି କାର୍ଯ୍ୟାନୁଷ୍ଠାନ ନେବ । ଶୁଣାଯାଉଛି ବିଜେଡି ଏଭଳି ନାଟକ ରଚନା କରିବ ଯେ ଯାହା ହୁଏତ ସୌମ୍ୟ କଳ୍ପନା କରିନଥିବେ । କାରଣ ବିଜେଡିରୁ ଅତୀତରେ ଯେଉଁମାନେ ବିଦା ହୋଇଛନ୍ତି ସେମାନଙ୍କ ଅବସ୍ଥା ଦେଖିଲେ ଏହା ସହଜରେ ବୁଝିହେବ । କେତେ ବଡ଼ ବଡ଼ ନେତା ବିଜେଡିରୁ ଯାଇ ଧରାଶାୟୀ ହୋଇଛନ୍ତି ସିନା ରାଜନୀତିରେ ଆଉ ଅଣ୍ଡା ସଳଖି ଠିଆ ହୋଇପାରିନାହାନ୍ତି । ନବୀନଙ୍କ ଗୋଟି ଚାଳନା ଆଗରେ ବିରୋଧୀ ମଧ୍ୟ ଟେକି ପାରୁନାହାନ୍ତି । ଆଉ ଜଣେ ଜଣେ ନେତାଙ୍କୁ ହଟାଇବା ବିଜେଡି ପାଇଁ ଆଦୌ କଷ୍ଟସାଧ୍ୟ ନୁହେଁ । ଏବେ ଆସିବା ସୌମ୍ୟ କିଭଳି ବିଜେଡିରୁ ଇସ୍ତଫା ଦେବେ । ସେଥିପାଇଁ ମଧ୍ୟ ମାଷ୍ଟର ପ୍ଲାନ ପ୍ରସ୍ତୁତ ସରିଥିବା ସୂଚନା ମିଳୁଛି । ଯେଉଁ ଖଣ୍ଡପଡାବାସୀ ବିପୁଳ ଭୋଟ ଦେଇ ସୌମ୍ୟଙ୍କୁ ଜିତାଇଥିଲେ ସେମାନେ ଆସି ରାଜଧାନୀରେ ସୌମ୍ୟଙ୍କ ବିରୋଧରେ ଗର୍ଜିବେ । ଯାହାଫଳରେ ଦଳ ତରଫରୁ ଏହାକୁ ଗୁରୁତର ଭାବେ ନିଆଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରେ । ଖଣ୍ଡପଡାର ଜନତା କହିବେ ଯେ ସୌମ୍ୟ ବାବୁ ବିଧାୟକ ଥାଇ ଖଣ୍ଡପଡ଼ାର କିଛି ବିକାଶ କରିନାହାନ୍ତି ବରଂ ଅନେକ ଦୁର୍ନୀତି ହୋଇଛି । ଏହା ନିଃସନ୍ଦେହ ଯେ ସୌମ୍ୟ ବାବୁ ଜଣେ ବିଦ୍ୱାନ, ଗୁଣି, ଜ୍ଞାନୀ, ସାମଜସେବୀ, ରାଜନେତା ଓ ଗଣମାଧ୍ୟମର ପ୍ରତିଷ୍ଠିତ ବ୍ୟକ୍ତି । ତାଙ୍କ ପାଇଁ ମନ୍ତ୍ରୀ ପଦ ଆଦୌ ବଡକଥା ନୁହେଁ । ବିଜୁ ଜନତା ଦଳ ଯେଉଁ ଭରସାରେ ସୌମ୍ୟଙ୍କୁ ରାଜ୍ୟସଭା ପଠାଇଥିଲା ଏବଂ ଆଶା କରିଥିଲା ଓଡ଼ିଶାର ଦୁଃଖଦୁର୍ଦ୍ଦଶା ସେ ଦିଲ୍ଲୀରେ ଉଦ୍ଭାପନ୍ନ କରିବେ । ଯାହାଫଳରେ ଓଡ଼ିଆ ଲୋକଙ୍କ ମଙ୍ଗଳ ହୋଇପାରିବ । ମାତ୍ର ସୌମ୍ୟ ଦିଲ୍ଲୀ ମୋହ ତ୍ୟାଗ କରି ଓଡ଼ିଶା ଆସି ବିଧାୟକ ହେବାକୁ ମନ ବଳାଇଲେ କାହିଁକି ? ଏବେ ଆସିବା ମୂଳ ପ୍ରସଙ୍ଗକୁ । ସାଧାରଣ ଜନତା ଜଣେ ସଚିବଙ୍କୁ ଭେଟିବା ସହଜ ହେଉନଥିଲା ବେଳେ ୫-ଟି' ସଚିବ ଲୋକଙ୍କ ନିକଟକୁ ଯାଇ ତାଙ୍କ ଦୁଃଖଦୁର୍ଦ୍ଦଶା ଶୁଣିବାରେ ଅସୁବିଧା କେଉଁଠି ?

ସମ୍ପାଦକୀୟ

ତାରକ ମହାନ୍ତି

ଶ୍ରୀବତ୍ସ ନାୟକ

ଉଚ୍ଚଶିକ୍ଷାରେ ଯୋଜନା: ଏକ ବିହଙ୍ଗାବଲୋକନ

ଡ୍ରପ୍ ଆଉଟ ହାରକୁ ହ୍ରାସ କରିବା, ଉଚ୍ଚଶିକ୍ଷା ପାଇଁ ପ୍ରୋତ୍ସାହନ ଦେବା, ଶିକ୍ଷାର ପ୍ରଚାର ପ୍ରସାର କରିବା, ଛାତ୍ରଛାତ୍ରୀ ମାନଙ୍କର ସର୍ବାଙ୍ଗୀନ ଉନ୍ନତି ସାଧନ କରିବା ଲକ୍ଷ୍ୟ ରେ ଓଡ଼ିଶା ସରକାର ଉଚ୍ଚଶିକ୍ଷା କ୍ଷେତ୍ରରେ ଓଡ଼ିଶା ଇ-ମେଧାବୃତ୍ତି ଯୋଜନା, କଳିଙ୍ଗ ଶିକ୍ଷା ସାଥୀ ଯୋଜନା, ଗ୍ରିନ ପାସେଜ୍ ଯୋଜନା, ଗୋପବନ୍ଧୁ ଶିକ୍ଷା ସହାୟତା ଯୋଜନା, ଓଡ଼ିଶା ବିଜୁ ଯୁବ ସଶକ୍ତିକରଣ ଯୋଜନା ମାନ ପ୍ରଣୟନ କରି ଉଚ୍ଚ ଶିକ୍ଷା କ୍ଷେତ୍ରରେ ବୈପ୍ଳବାତ୍ମକ ପରିବର୍ତ୍ତନ ଆଣିଛନ୍ତି । ତନ୍ମଧ୍ୟରୁ ଇ-ମେଧାବୃତ୍ତି ଯୋଜନା ହେଉଛି ଓଡ଼ିଶା ସରକାରଙ୍କ ପ୍ରମୁଖ ଛାତ୍ର କଲ୍ୟାଣ ଯୋଜନା । ନୋଡାଲ ଏଜେନ୍ସି ଭାବେ ଉଚ୍ଚ ଶିକ୍ଷା ବିଭାଗର ପ୍ରତ୍ୟେକ ତତ୍ତ୍ୱାବଧାନରେ ପ୍ରତିବର୍ଷ ୫୦୦୦ ସ୍ନାତକ,୨୫୦୦ ସ୍ନାତକୋତ୍ତର ଏବଂ ୬୦୦୦ ବୈଷୟିକ ଓ ବୃତ୍ତିଗତ ଛାତ୍ରଛାତ୍ରୀ ମାନଙ୍କୁ ଯଥାକ୍ରମେ ୫୦୦୦ ଟଙ୍କା ଓ ୧୦,୦୦୦ ଟଙ୍କା ଲେଖାଏଁ ସିଧାସଳଖ ଛାତ୍ରଛାତ୍ରୀ ମାନଙ୍କର ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ଦିଆଯାଉଛି । ୨୦୧୫ ମସିହାରେ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରଣୟନ ହୋଇଥିବା ଏହି ଯୋଜନା କେତେକ ମାତ୍ରାରେ ଉଚ୍ଚଶିକ୍ଷା କ୍ଷେତ୍ରରେ ଛାତ୍ରଛାତ୍ରୀ ମାନଙ୍କ ମନରେ ଏକ ଆଗ୍ରହ ସୃଷ୍ଟି କରିଛି । ଉଚ୍ଚ ମାଧ୍ୟମିକ ପରୀକ୍ଷାରେ ୬୦ ପ୍ରତିଶତରୁ ଅଧିକ ନମ୍ବର ରଖି ସ୍ନାତକ, ସ୍ନାତକୋତ୍ତର, ବୈଷୟିକ ଓ ବୃତ୍ତିଗତ କୋର୍ସର ପ୍ରଥମ ବର୍ଷରେ ଅଧ୍ୟୟନ କରିଥିବା ଛାତ୍ରଛାତ୍ରୀ ଯାହାର ପରିବାରର ବାର୍ଷିକ ଆୟ ୬,୦୦,୦୦୦ ଟଙ୍କାରୁ କମ୍ ହୋଇଥିବ କେବଳ ସେହି ମାନଙ୍କୁ ଏହି ଯୋଜନାରେ ଶିକ୍ଷା ବିଭାଗ ଅନ୍ତର୍ଭୁକ୍ତ କରିଛି । ଓପନ ବିଶ୍ୱବିଦ୍ୟାଳୟ, ଦୂର ନିରନ୍ତର ଶିକ୍ଷା, ଏମ ଫିଲ, ପି.ଏଚ.ଡି, ବି.ଏ.ଡ, ଏମ.ଇ.ଡି ଡିପ୍ଲୋମା କିମ୍ବା ବିଦେଶରେ ଅଧ୍ୟୟନ କରିଥିବା ଛାତ୍ର ଛାତ୍ରୀ ମାନେ ଏହି ଯୋଜନାର ଅନ୍ତର୍ଭୁକ୍ତ ହୋଇପାରିବେ ନାହିଁ । କିନ୍ତୁ ଚଳିତ ଶିକ୍ଷାବର୍ଷ ୨୦୨୩-୨୪ ଏହି ମେଧାବୃତ୍ତି ଯୋଜନାରେ ରୂପରେଖ ବଦଳି ଯାଇଛି । ନୂତନ ଶିକ୍ଷାବର୍ଷ ଆରମ୍ଭରୁ ମେଧାବୀ ଛାତ୍ରବୃତ୍ତିର ନବକଳେବର ଯୋଗୁଁ ଛାତ୍ର ଓ ଅଭିଭାବକ ମହଲରେ ଖୁସିର ଆନନ୍ଦ ଖେଳି ଯାଇଛି । ୨୦୨୩-୨୪ ଶିକ୍ଷାବର୍ଷରୁ ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନା ଆରମ୍ଭ ହେବାକୁ ଯାଉଛି । ଏଥିରେ ମଧ୍ୟବିତ୍ତ ବର୍ଗର ପିଲାଙ୍କୁ ମେଧାବୃତ୍ତି ପାଇବାର ସୁଯୋଗ ମିଳିବ । ଏହାର କାର୍ଯ୍ୟକାରିତା ନେଇ ଉଚ୍ଚଶିକ୍ଷା ବିଭାଗ ଯୋଜନା ପ୍ରସ୍ତୁତ କରିଛି । ରାଜ୍ୟ ସରକାରଙ୍କ ପୂର୍ବ ପ୍ରଚଳିତ ମେଧାବୃତ୍ତି ଯୋଜନାର ରୂପରେଖ ବଦଳିବା ସହ ଆକାର ବୃଦ୍ଧି ହୋଇଛି । ମେଧାବୃତ୍ତି ପାଇବାକୁ ଥିବା ଛାତ୍ରୀଛାତ୍ରଙ୍କ ସଂଖ୍ୟା ଓ ବୃତ୍ତି ରାଶିକୁ ବୃଦ୍ଧି କରାଯାଇଛି । ମେଧାବୃତ୍ତି ପାଇବାକୁ ଥିବା ହିତାଧିକାରୀଙ୍କ ପରିବାରର ବାର୍ଷିକ ଆୟ ୮,୦୦,୦୦୦ ଟଙ୍କା ମଧ୍ୟରେ ହୋଇଥିବା ଦରକାର । ଇ ମେଧାବୃତ୍ତି ରେ ଆଗରୁ ୧୪,୫୦୦ ଛାତ୍ରଛାତ୍ରୀ ଉପକୃତ ହେଉଥିବା ବେଳେ ସଂଶୋଧିତ ସ୍କିମ୍ ରେ ୧୪,୫୦୦ ପରିବର୍ତ୍ତେ ୨୫,୦୦୦ ଛାତ୍ର ଛାତ୍ରୀ ଙ୍କୁ ପରିବର୍ଦ୍ଧିତ ହାରରେ ମେଧାବୃତ୍ତି ରାଶି ଯୋଗାଇ ଦେବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି । ସେହିପରି ରାଜ୍ୟ ସରକାରଙ୍କ ଅନ୍ୟ ଏକ ଯୋଜନା ହେଉଛି କଳିଙ୍ଗ ଶିକ୍ଷା ସାଥୀ ଯୋଜନା । ଉଚ୍ଚ ଶିକ୍ଷା କରିବାକୁ ଚାହୁଁଥିବା ଛାତ୍ରଛାତ୍ରୀଙ୍କର ପାରିବାରିକ ଆର୍ଥିକ ବୋଝ ହ୍ରାସ କରିବା ନିମନ୍ତେ ୨୦୧୬ ମସିହାରେ ଏହି ଯୋଜନା ପ୍ରଣୟନ କରିଥିଲେ । ଏହି ଯୋଜନା ଅନୁଯାୟୀ ବାର୍ଷିକ ଆୟ ୬ ଲକ୍ଷରୁ କମ ଥିବା ପରିବାରର ଛାତ୍ର ଛାତ୍ରୀ ମାନଙ୍କ ପାଇଁ ୧ ପ୍ରତିଶତ ସୁଧ ହାରରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଶିକ୍ଷା ଋଣ ଯୋଗାଇବାର ବ୍ୟବସ୍ଥା କରିଥିଲେ ରାଜ୍ୟ ସରକାର । ଋଣର ପରିମାଣ ସାତ ଲକ୍ଷ ପଚାଶ ହଜାର ହେଲେ ୧୦ ବର୍ଷ ଓ ସାତ ଲକ୍ଷ ପଚାଶ ହଜାରରୁ ଉର୍ଦ୍ଧ୍ୱ ହେଲେ ୧୫ ବର୍ଷ ସମୟ ସୀମା ମଧ୍ୟରେ ସୁଝିବାକୁ ପଡ଼ିଥାଏ । ୨୦୧୬-୧୭ରୁ ଆରମ୍ଭ ହୋଇଥିଲା ସବୁଜ ପାସେଜ୍ ଯୋଜନା । ଯେଉଁ ଛାତ୍ରଛାତ୍ରୀ ମାନଙ୍କର ପୋଷ୍ୟ ପିତାମାତା ନଥିବ ବା ବାପା ମା ଛେଉଣ୍ଡ ହୋଇଥିବେ ସେମାନଙ୍କୁ ଏହି ସ୍କିମରେ ଅନ୍ତର୍ଭୁକ୍ତ କରିଥିଲେ ରାଜ୍ୟ ସରକାର । କୋଭିଡ ୧୯ ମହାମାରୀ ପରେ ଯୋଜନାରେ ସାମାନ୍ୟ ସଂଶୋଧନ ଆଣି ଉଭୟ ପିତାମାତା କିମ୍ବା ଏକାକୀ ପିତା କିମ୍ବା ମାତାକୁ ହରାଇଥିବା ପିଲାଟି ମଧ୍ୟ ଏହି ସ୍କିମର ଅନ୍ତର୍ଭୁକ୍ତ ହୋଇଥିଲା । ପିତୃମାତୃହୀନ ଶିଶୁ, ଅନ୍ୟାନ୍ୟ ଅଭିଭାବକଙ୍କ ଦାୟିତ୍ୱରେ ଥିବା ଶିଶୁ ଓ ଶିଶୁ ଯତ୍ନ ଅନୁଷ୍ଠାନର ଅନ୍ତେବାସୀ ଯେଉଁ ମାନଙ୍କର +୨ ଠାରୁ ସ୍ନାତକତ୍ତୋର ପର୍ଯ୍ୟନ୍ତ ପିଲା ମାନଙ୍କ ପାଇଁ ଆବେଦନ ଶୁଳ୍କ, ଆଡମିଶନ ଫି, ରି ଆଡମିଶନ ଫି, ଟ୍ୟୁସନ୍ ଫି, ଲାଇବ୍ରେରୀ ଫି, ମହାବିଦ୍ୟାଳୟ କିମ୍ବା ବିଶ୍ୱବିଦ୍ୟାଳୟ ବିକାଶ ଫି କୁ ସମ୍ପୂର୍ଣ୍ଣ ଭାବେ ଛାଡ଼ କରିଛନ୍ତି ରାଜ୍ୟ ସରକାର । ଯେଉଁ ମାନଙ୍କ ପାରିବାରିକ ରୋଜଗାର ଏକ ଲକ୍ଷ ଟଙ୍କାରୁ ଅଧିକ ହୋଇ ନଥିବ ସେମାନେ ଉଚ୍ଚଶିକ୍ଷା ପର୍ଯ୍ୟନ୍ତ ନିଶୁଳ୍କ ଭାବେ ଉଚ୍ଚ ଶିକ୍ଷା ପ୍ରାପ୍ତ ହୋଇପାରିବେ । ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷ ସେମାନଙ୍କ ପାଇଁ ମାଗଣାରେ ରହିବା, ଖାଇବାର ବନ୍ଦୋବସ୍ତ କରିବେ ଯାହାର ସମ୍ପୂର୍ଣ୍ଣ ଦେୟ ରାଜ୍ୟ ସରକାର ବହନ କରିବେ । ଯୁକ୍ତ ଦୁଇରୁ ପିଜି ପର୍ଯ୍ୟନ୍ତ ଅନାଥ ପିଲାମାନଙ୍କୁ ମାଗଣା ଶିକ୍ଷା ପ୍ରଦାନ ନିମନ୍ତେ ଏବେ ଇ-ମେଧାବୃତ୍ତି, କଳିଙ୍ଗ ଶିକ୍ଷା ସାଥୀ ଯୋଜନା ଓ ଗ୍ରୀନ ପ୍ୟାସେଜ ଯୋଜନା କାର୍ଯ୍ୟକାରୀ ହେଉଛି । ତେବେ ସ୍ନାତକ ଓ ସ୍ନାତକୋତ୍ତର ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ନୂତନ ଆର୍ଥିକ ସହାୟତା ଯୋଜନାରେ ଗରିବ ପିଲାମାନଙ୍କୁ ବାର୍ଷିକ ୨୦ହଜାର ଟଙ୍କା ଯୋଗାଇଦିଆଯିବ । ପାଠପଢ଼ା ଶେଷ ପର୍ଯ୍ୟନ୍ତ ପ୍ରତିବର୍ଷ ଏହି ସହାୟତା ପ୍ରଦାନ କରାଯିବ । ଏହି ଯୋଜନାରେ ଆବେଦନ ନିମନ୍ତେ ଉଚ୍ଚଶିକ୍ଷା ବିଭାଗ ଯୋଗ୍ୟତା ସର୍ତ୍ତାବଳି ସ୍ଥିର କରିଛନ୍ତି । ଏଚଆଇଭି/ଏଡ୍ସ ଆକ୍ରାନ୍ତ ପରିବାର, ମାରାତ୍ମକ ରୋଗରେ ପୀଡ଼ିତ ପରିବାର, ଭୂମିହିନ ଓ ବାସହୀନ ପରିବାର, ରୋଜଗାର ନଥାଇ ମହିଳା ମୁଖ୍ୟ ଥିବା ପରିବାରର ଛାତ୍ରଛାତ୍ରୀ ଏହି ସୁବିଧା ପାଇବେ । ରାଜ୍ୟର ସ୍ୱୀକୃତିପ୍ରାପ୍ତ ମହାବିଦ୍ୟାଳୟ, ଶିକ୍ଷାନୁଷ୍ଠାନ, ବିଶ୍ୱବିଦ୍ୟାଳୟରେ ଅଣ୍ଡର ଗ୍ରାଜୁଏଟ କିମ୍ବା ପିଜି ପାଠ୍ୟକ୍ରମରେ ସେମାନେ ନାମ ଲେଖାଇଥିବା ଆବଶ୍ୟକ । ସବୁ ସୂତ୍ରରୁ ପରିବାରର ଆୟ ବାର୍ଷିକ ୧ଲକ୍ଷରୁ ଅଧିକ ହୋଇ ନଥିବ । ରାଜ୍ୟ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଏବଂ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ଅଣବୈଷୟିକ ଏବଂ ପିଜି ପାଠ୍ୟକ୍ରମ ନିମନ୍ତେ ଆର୍ଥିକ ସହାୟତା ଦିଆଯିବ ।ଆର୍ଥିକ ଦୃଷ୍ଟିରୁ ପ୍ରଭାବିତ ହୋଇ ସାଧାରଣ ଜୀବନଯାପନ କରି ପାରୁନଥିବା ପରିବାରରୁ ଆସିଥିବା ଛାତ୍ରଛାତ୍ରୀ ମାନଙ୍କ ପାଇଁ ଓଡ଼ିଶା ସରକାର ଏକ ସମ୍ମାନଜନକ ଛାତ୍ରବୃତ୍ତି ଭାବେ ଗୋପବନ୍ଧୁ ଶିକ୍ଷା ସହାୟତା ଯୋଜନା ପ୍ରଣୟନ କରିଥିଲେ । ଓଡ଼ିଶାର ସ୍ଥାୟୀ ବାସିନ୍ଦା ହୋଇଥିବା ଶିଶୁଟିର ପାରିବାରିକ ବାର୍ଷିକ ଆୟ ୧,୦୦,୦୦୦ ଟଙ୍କା ରୁ କମ୍ ଏବଂ ରାଜ୍ୟର ଉପସ୍ଥିତି ସ୍ୱୀକୃତି ପ୍ରାପ୍ତ ମହାବିଦ୍ୟାଳୟ କିମ୍ବା ବିଶ୍ୱବିଦ୍ୟାଳୟ ରେ ରେଗୁଲାର ମୋଡ଼ରେ ସ୍ନାତକ କିମ୍ବା ସ୍ନାତକୋତ୍ତର ଅଧ୍ୟୟନ କରୁଥିବା ଶିଶୁ ମାନେ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇପାରିବେ । ବ୍ୟାସକବି ଫକୀରମୋହନ ମେଧା ଭାଷାବୃତ୍ତି ଓ ଗୋପବନ୍ଧୁ ଶିକ୍ଷା ସହାୟତା ଯୋଜନାରେ କୌଣସି ପରିବର୍ତ୍ତନ କରାଯାଇ ନାହିଁ । ୟୁଜି ମେଧା ବାଦକୁ ୧୦ କୋଟି, ପିଜି ମେଧା ବାବଦକୁ ସାଢ଼େ ୭ କୋଟି, ଫକୀରମୋହନ ଭାଷା ମେଧାବୃତ୍ତି ବାଦକୁ ଦେଢ଼ କୋଟି, ବୈଷୟିକ ଶିକ୍ଷା ବିଭାଗ ପାଇଁ ୨୦କୋଟି ଓ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ପାଇଁ ୧କୋଟି ଟଙ୍କାର ବୃତ୍ତି ରାଶି ଖର୍ଚ୍ଚ ହେବ ବୋଲି ବିଭାଗ ଦର୍ଶାଇଛି ।ଓଡ଼ିଶାର ଅନ୍ୟ ଏକ ନିଜସ୍ୱ ଛାତ୍ର କଲ୍ୟାଣ ଯୋଜନା ଭାବେ ଉଭା ହୋଇଛି ଓଡ଼ିଶା ବିଜୁ ଯୁବ ସଶକ୍ତିକରଣ ଯୋଜନା । ଉଚ୍ଚ ଶିକ୍ଷାରେ ବୈଷୟିକ ଅସୁବିଧା ଦୂର କରିବା, ଯୁବପିଢିଙ୍କୁ ବୈଷୟିକ ପ୍ରଗତିରେ ସାମିଲ କରିବା ଓ ଗବେଷଣା ପ୍ରତି ଆଗ୍ରହ ସୃଷ୍ଟି କରିବା ଉଦ୍ଦେଶ୍ୟରେ କଳା, ବିଜ୍ଞାନ, ବାଣିଜ୍ୟ, ଉପଶାସ୍ତ୍ରୀ ଓ ଧନ୍ଦାମୂଳକ ଷ୍ଟ୍ରୀମରେ ଦ୍ୱାଦଶ ଶ୍ରେଣୀରୁ ୭୦ ପ୍ରତିଶତରୁ ଅଧିକ ମାର୍କ ରଖି ଉତ୍ତୀର୍ଣ୍ଣ ମେଧାବୀ ଛାତ୍ରଛାତ୍ରୀ ମାନଙ୍କୁ ଏହି ଯୋଜନା ମାଧ୍ୟମରେ ମାଗଣା ଲାପଟପ୍ ଯୋଗାଇ ଦେଇଛନ୍ତି ରାଜ୍ୟ ସରକାର ।

ଶିକ୍ଷାର ପ୍ରସାର ତଥା ଗୁଣାତ୍ମକ ଶିକ୍ଷା ଦାନ କରିବା ନିମନ୍ତେ ରାଜ୍ୟ ସରକାରଙ୍କ ଯୋଜନା ଗୁଡିକ ନିଶ୍ଚିତ ପ୍ରଣିଧାନ ଯୋଗ୍ୟ । କିନ୍ତୁ ଏହି ଯୋଜନାର ବାସ୍ତବ କାର୍ଯ୍ୟକାରୀ ତଥା ଏହାର ଫଳାଫଳ କଣ ହେଉଛି ହେଉଛି ତାର ସମ

ଧାରାବାହିକ ଉପନ୍ୟାସ

ଶେଷ ଦୃଶ୍ୟ

କ୍ଷୀରୋଦ ଦାସ

ଭାଗ-୧୨

(ପୂର୍ବପ୍ରକାଶ ଉତ୍ତାରୁ)

"ନିଜର ସୁରକ୍ଷା ପାଇଁ କିପରି ଲଢ଼େଇ କରିବାକୁ ହୁଏ, ତାହାହିଁ ଶିକ୍ଷା କରିବ।" କହିଲେ ରାଜଲକ୍ଷ୍ମୀ।

: ନା, ତା' ମନରେ ହିଂସା ଓ କ୍ରୋଧ ତିଆରି ହୋଇଯିବ ଏବଂ ପରବର୍ତ୍ତୀ କାଳରେ ଏପରି ମାନସିକତା ବୃଦ୍ଧି ପାଇଲେ ନାନା ଅସୁବିଧା ସୃଷ୍ଟି ହେବ। - ବୁଝାଇ କହିଲେ ଶୁଭକାନ୍ତ।

: ଲାଗୁଛି ତୁମେ ଡାକ୍ତର ନୁହେଁ, ତ୍ରିକାଳଦର୍ଶୀ ଜ୍ୟୋତିଷ। ଆଗତ ଭବିଷ୍ୟତ ସବୁ ମାଲୁମ ତୁମକୁ। ଯାଅ... ଯାଅ, ନିଜ କାମରେ ମନ ଦିଅ। ଅଯଥା କଥାରେ ମୁଣ୍ଡ ଖେଳାଅନି...

: ଏହା ଅଯଥା କଥା ନୁହେଁ ରାଜଲକ୍ଷ୍ମୀ! କାଦୁଅକୁ ଯେଉଁ ଆକାର ଦେବ, ତାହା ସେହିପରି ଗଢ଼ିହେବ। ପିଲାମାନେ ହେଲେ କଞ୍ଚା କାଦୁଅ। ସେମାନଙ୍କ ସଠିକ୍ ଆକାର ଦେବା ବାପା-ମା'ଙ୍କର ସବୁଠୁ ବଡ ଦାୟିତ୍ୱ ଓ ଶ୍ରେଷ୍ଠ କର୍ତ୍ତବ୍ୟ...।

ରାଜଲକ୍ଷ୍ମୀ ଫିଡିକି ଯାଇ କହିଲେ: 'କଣଟା ଏମିତି ବଡ ଦୁର୍ଘଟଣାଟା ଘଟିଗଲା ଯେ ତୁମେ ମୋତେ ହିତଉପଦେଶମାନ ଶୁଣାଉଛ? ପିଲାଙ୍କୁ କେମିତି ମଣିଷ କରାଯାଏ, ମା' ଅପେକ୍ଷା ଅଧିକ ଆଉ କିଏ ଜାଣେ? ତୁମେ ତୁମ କାମରେ ମନଦିଅ। ମୋତେ ମୋ କାମରେ ଛାଡିଦିଅ, ବାସ୍।'

କେବଳ ସେଇ ଗୋଟିଏ ଘଟଣା ନୁହେଁ, ପ୍ରାୟ ପ୍ରତିଦିନ ଏହିପରି ଛୋଟ ବଡ ଘଟଣାମାନେ ଘଟିଚାଲିଲା। ସଂଜୁର ଭୁଲ୍ ଥାଇ ବି ରାଜଲକ୍ଷ୍ମୀ ସ୍ୱୀକାର କରିବାକୁ ପ୍ରସ୍ତୁତ ନ ଥିଲେ ପୁଅର ଭୁଲ୍‌କୁ। ତାଙ୍କ ପୁଅ ଯେ ସବୁବେଳେ ଠିକ୍ ଓ ଭଲ, ସଇକଥା ସେ ପ୍ରତିପାଦିତ କରିବାକୁ ଚାହିଁଲେ ସବୁ ସମୟରେ, ସବୁଆଡେ। ଆଉ ସଂଜୁ ମଧ୍ୟ ଭାବିନେଲା ସେ ଯାହା କଲେ ମଧ୍ୟ ତାହା ଗ୍ରହଣଯୋଗ୍ୟ ହେବ ମା' ଦ୍ୱାରା। ତା'ର ଖରାପ କାମକୁ ମିଳିଯାଉଥିଲା ଏକ ଅନ୍ତରଙ୍ଗ ସମର୍ଥନ। ଯାହାଫଳରେ ସେ ପଛାଉ ନଥିଲା ଆହୁରି ଆହୁରି ସେପରି କାମ କରିବାକୁ।

ଏସବୁକୁ ତୀବ୍ର ବିରୋଧ କରୁଥିଲେ ଶୁଭକାନ୍ତ। କିନ୍ତୁ ତାଙ୍କର ସବୁଯାକ ବିରୋଧ ନିଷ୍ଫଳ ହୋଇଯାଉଥିଲା ରାଜଲକ୍ଷ୍ମୀଙ୍କ ପୁତ୍ରମୋହ ଆଗରେ। ସଂଜୁ ଯେ ଦିନକୁ ଦିନ ଏକଜିଦିଆ, ଉଦ୍ଧତ ହୋଇଯାଉଛି, ତାହା ସେ ହୃଦୟଙ୍ଗମ କରି ଯେତେ କହିଲେ ମଧ୍ୟ ନା ମା' ନା ପୁଅ, କାହା ଉପରେ କିଛି ପ୍ରଭାବ ପଡୁନଥିଲା ତାଙ୍କ କଥାର।

: ପିଲାଟା ଖରାପ ହୋଇଯିବ। ହୋଇଯିବ କ'ଣ? ହୋଇଗଲାଣି ବୋଲି ଜାଣ।

: ମଣିଷ ଶରୀରକୁ ଅପରେସନ୍ କରି କାଟି ସବୁ ଖରାପ ଜିନିଷ ଦେଖି ଦେଖି ତୁମ ମାଇଣ୍ଡସେଟ୍ ସେହିପରି ହୋଇଗଲାଣି। ସବୁ ଜିନିଷ ତୁମ ଆଖିକୁ ଖରାପ ଦେଖାଯାଉଛି। - ଏହା ଥିଲା ରାଜଲକ୍ଷ୍ମୀଙ୍କ ଉତ୍ତର।

ସଂଜୁର ସେତେବେଳେକୁ ଅଷ୍ଟମ ଶ୍ରେଣୀ। କିବା କଥାରେ ଜଣେ ସହପାଠୀର ମୁଣ୍ଡକୁ ଢେଲାମାରି ଫଟାଇଦେଲା। ପିଲାର ବାପ ଜଣେ ଆର୍ଥିକ ଅସ୍ୱଚ୍ଛଳ ମଣିଷ। ଗୁହାରି କରିବାକୁ ଆସି ପହଞ୍ଚିଲେ ତାଙ୍କ ଘରେ। ଟଙ୍କା ପାଞ୍ଚଶହ ବଢ଼ାଇଦେଇ ରାଜଲକ୍ଷ୍ମୀ ଭଦ୍ରବ୍ୟକ୍ତିଙ୍କୁ କହିଲେ : ଗୋଟିଏ ହାତରେ କୋଉଠି ତାଳି ବାଜିଲାଣି! ମୋ ପୁଅ ତୁମ ପୁଅକୁ କ'ଣ ମାହାଳିଆରେ ମାରିଲା! ହଉ, ଏ ଟଙ୍କା ନେଇ ଯାଅ ଏଠୁ। ପୁଅର ଚିକିତ୍ସା କରାଇନେ।"

କାହିଁକି ମାରି ତା' ମୁଣ୍ଡ ଫଟାଇଦେଲୁ ବୋଲି ରାଜଲକ୍ଷ୍ମୀ ପଦେ ବି ପଚାରିଲେନି ସଂଜୁକୁ। କିନ୍ତୁ ସେଦିନ ସଧ୍ୟାବେଳେ ଏକଥା ସଂଜୁକୁ ପଚାରିଲେ ଶୁଭକାନ୍ତ।

ମା' ପୁଅ ଡାଇନିଂ ଟେବୁଲ୍‌ରେ ବସି ମ୍ୟାଗି ଖାଇବାରେ ବ୍ୟସ୍ତଥିଲେ। କୌଣସି ଉତ୍ତର ଆସିଲା ନାହିଁ ସେମାନଙ୍କ ପାଖରୁ।

ପ୍ରଶ୍ନଟିକୁ ଟିକେ ଚଢ଼ାଗଳାରେ ଦୋହରାଇଲେ ଶୁଭକାନ୍ତ।

: କାହାକୁ ମର୍ଡର କରିଦେଇଛି କି ମୋ ପୁଅ! ଖେଳୁ ଖେଳୁ ଯଦି ସେପରି ହୋଇଗଲା, ତେବେ ଆଉ କଣ କରାଯିବ? ମୁଁ ସେ ଲୋକୁ ତା' ପୁଅର

ଚିକିତ୍ସା କରିବା ପାଇଁ ଖର୍ଚ୍ଚ ଦେଇଦେଇଛି। - କହିଲେ ରାଜଲକ୍ଷ୍ମୀ।

: ଏ ଘଟଣାର ସମାଧାନ ସେପରି ନୁହେଁ। ସେ ପିଲାର ମିଣ୍ଡ ଫାଟିଛି, କାଲିକୁ ଭଲ ହୋଇଯିବ, ହେଲେ ଆମ ପିଲା ଭିତରେ ଯେଉଁ ହିଂସ୍ର ପ୍ରବୃତ୍ତି ଜାଗରିତ ହେଉଛି, ତାହା କାଲିକୁ ପଳେଇବକି?

: ହିଂସ୍ର ପ୍ରବୃତ୍ତି! -ରାଜଲକ୍ଷ୍ମୀ ତାଚ୍ଛଲ୍ୟ କଲେ- "ମୋ ପୁଅ କ'ଣ ବାଘ ନା ଭାଲୁ? ନିଜ ପିଲା ପ୍ରତି ତୁମର ମନୋଭାବ ଏୟା! ମୁଁ ଦେଖୁଛି, ମୋ ପୁଅକୁ ସବୁକଥାରେ ବିରୋଧ କରିବା ତୁମର ଗୋଟେ ଆଦତ ହୋଇଗଲାଣି। ତା' ଉପରେ ଟିଙ୍ଗିଟିଙ୍ଗି ହେବା ତୁମର ଅଭ୍ୟାସ ପାଲଟିଗଲାଣି!

: ଟିଙ୍ଗିଟିଙ୍ଗି ହେଉନି, ତୁମକୁ ତାର ବାସ୍ତବତା ସହ ପରିଚିତ କରାଉଛି। ପିଲାକୁ ସ୍ନେହ ପ୍ରେମ ଦିଅ, କିଏ ମନା କରୁଛି? ହେଲେ ଅନ୍ଧ ଭାବରେ ତାର ସବୁକଥାକୁ ସମର୍ଥନ କରନି କିମ୍ବା ତାର ଭୁଲ୍‌କୁ ହାଲୁକା ଭାବରେ ନିଅନି। ଏବେ ସେ ଛୋଟ ଅଛି, ଚଳିଯାଉଛି। ବଡ଼ ହେଲେ ତା'ର ଏପରି ବ୍ୟବହାର ନ ବଦଳି ଯଦି ଆହୁରି ଖରାପ ଆଡକୁ ଯାଏ, ସେତେବେଳେ? ସେବେକୁ ନେତିଗୁଡ କହୁଣୀକୁ ବୋହିଯାଇଥିବ। ଆଉ କିଛି ନ ଥିବ ଆମ ଅକ୍ତିଆର ଭିତରେ...

କାଲ ଆଗରେ ମୂଳା ଚୋବାଇବା ଯାହା, ଯେ ମା' ପୁଅଙ୍କ ପାଖରେ ଏପରି କଥା କହିବା ସେୟା। ତାଙ୍କର କୌଣସି କଥା କିଛି ବି ପ୍ରଭାବ ପକାଇପାରିଲା ନାହିଁ ସେମାନଙ୍କ ଉପରେ। ବଡ ହେଉଥିଲା ସଂଜୟ। କିନ୍ତୁ ଛୋଟ ହୋଇଯାଉଥିଲା ତାର ମତିଗତି, ବୁଦ୍ଧିବୃତ୍ତି। ଦିନକୁ ଦିନ ତା'ର ଉତ୍ପାତ ବଢ଼ିବାକୁ ଲାଗିଲା ଘରେ, ବାହାରେ, ସ୍କୁଲ୍‌ରେ, କଲେଜରେ। ସେ ଜାଣିସାରିଥିଲା, ତାର ଯାବତୀୟ ଦୁଷ୍ଟାମି ଓ ଅବିବେକୀ କାର୍ଯ୍ୟକୁ ସମର୍ଥନ କରିବା ପରି ଜଣେ ମଣିଷ ଅଛି ତା' ପାଖରେ। ଦରକାର ସମୟରେ ସବୁ ପ୍ରକାର ସାହାଯ୍ୟ ଓ ସମର୍ଥନ ସେ ଯୋଗାଇଦେବ ତାକୁ। ତା'ର ସବୁ କଥା ଓ କାର୍ଯ୍ୟକୁ ବିରୋଧ କରୁଥିବା, ଅସନ୍ତୁଷ୍ଟ ହେଉଥିବା 'ବାପା' ନାମକ ଏ ପ୍ରାଣୀଟି ତା'ର ଏକନମ୍ବର ଶତ୍ରୁ। ଶତ୍ରୁଠାରୁ ଯେତେ ଦୂରରେ ରହିବ, ସେତେ ଭଲ।

ଧୀରେ ଧୀରେ ଦୂରତା ବଢ଼ିଯାଉଥିଲା ବାପ ଓ ପୁଅ ଭିତରେ।

ମା' ପୁଅଙ୍କର ଗୋଟିଏ କଥଶ। ପାପା ଅଡ୍ ମ୍ୟାନ୍ ଆଉଟ୍।

: ପୁଅକୁ ଟିକେ ଆକଟ କରନ୍ତୁ ଆଙ୍କା! ଆପଣଙ୍କ ପରି ଜଣେ ଶାନ୍ତଶିଷ୍ଟ ବିଶିଷ୍ଟ ବ୍ୟକ୍ତିଙ୍କ ପୁଅ ଯଦି ବିଚ୍ ବଜାର ଉପରେ ମଦଖାଇ, ଗଣ୍ଡଗୋଳ କରିବ, ରାସ୍ତାରେ ଗଡିବ, ଏହା କ'ଣ ଶୋଭା ପାଇବ ଆପଣଙ୍କୁ? ସେ ଅବାଟକୁ ଚାଲିଯାଉଛି ଧୀରେ ଧୀରେ। ଏବେଠୁ ତାକୁ ନ ଅଟକାଇଲେ ଆଗକୁ ମହାସମସ୍ୟା ଆଙ୍କା...

ତାଙ୍କ ପାଖ ପଡୋଶୀ, ବୟୋଜ୍ୟେଷ୍ଠ ବ୍ୟକ୍ତି ରାଜେଶ ବାବୁ ଦିନେ ବାଟରେ ଦେଖାହେବା ସମୟରେ କହିଲେ ଶୁଭକାନ୍ତଙ୍କୁ।

: ଆପଣଙ୍କୁ ସେ କିଛି ଅଭଦ୍ର ବ୍ୟବହାର ଦେଖାଇଲା କି ଆଙ୍କା? - ବ୍ୟସ୍ତ ହୋଇପଡି ପଚାରିଲେ ଶୁଭକାନ୍ତ।

(କ୍ରମଶଃ)

ଚିତ୍ରେଷ୍ଟାଣ୍ଡା କବିତା

ନମଃ ନମଃ ସିଦ୍ଧିଦାତା

ରାମଚନ୍ଦ୍ର ବେହେରା

ଭାଦ୍ରବର ଶୁକ୍ଳ ପୁଣ୍ୟ ଚତୁର୍ଥୀରେ
ଆସେ ଗଣପତି ପୂଜା
ବଜାର ସହର ସ୍କୁଲ କଲେଜରେ
ହୁଏ ଭବ୍ୟ ସାଜସଜା।

ପ୍ରଭୁ ବିଦ୍ୟାପତି ସ୍ୱର୍ଗରୁ ଓହ୍ଲାଇ
ଆସନ୍ତି ମର୍ତ୍ତ୍ୟ ମଣ୍ଡଳ
ଅଜ୍ଞାନ ତିମିର କରନ୍ତି ସେ ଦୂର
ଦେଇ ଜ୍ଞାନ ବୁଦ୍ଧି ବଳ।

ଜୟ ଗଜାନନ ଗଉରୀ ନନ୍ଦନ
ଜ୍ଞାନଦାତା ବୁଦ୍ଧିଦାତା
ପ୍ରଭୁ ଅଗ୍ରପୂଜ୍ୟ ବିଘ୍ନ ବିନାଶକ
ନମଃ ନମଃ ସିଦ୍ଧିଦାତା।

ତୁମ କରୁଣାର ଆଲୋକ ପରଶେ
ମୂର୍ଖ ହୁଅଇ ପଣ୍ଡିତ
ଆହେ ଗଣପତି ମଂଗଳ ମୂରତି
କର ଜଗତର ହିତ।

ମୂଷିକ ବାହନେ ବୁଲିବ ସଂସାର
ବକ୍ରତୁଣ୍ଡ ମହାକାୟ
ଜ୍ଞାନ ଗାରିମାରେ ସର୍ବଶ୍ରେଷ୍ଠ ତୁମେ
ବିଦ୍ୟାରେ ସଦା ଅଜେୟ।

ପ୍ରଭୁ ଲମ୍ବୋଦର ବିଦ୍ୟାର ଦେବତା
ଜ୍ଞାନ ଦିଅ ସର୍ବ ଜନେ
ହିଂସା ରାଗ ରୋଷ ନରହୁ ଏ ଦେଶେ
ଖୁସି ଭରିଯାଉ ପ୍ରାଣେ।

ତୁମ କୃପା ଥିଲେ ଅଜ୍ଞାନତା ଆମ
ଛୁପିଯିବ ଆଲୋକରେ
ଉତ୍ତମ ବିଚାର ଭାଇଚାରା ଭାବ
ପ୍ରକଟିବ ହୃଦୟରେ।

ତୁମ କୃପା ବଳେ ବିପଦ ନଆସେ
ହସେ ଏ ସାରା ସଂସାର
ତବ ଶ୍ରୀଚରଣେ ଏତିକି ଗୁହାରି
ଜ୍ଞାନର ହେଉ ଆଦର।

ତୁମ ପଦଧାୟୀ ଗାଉଛି ମୁଁ ସ୍ତୁତି
କରୁଛି ପ୍ରଭୁ ମିନତୀ
ଜ୍ଞାନ ଆଲୋକରେ ଆଲୋକିତ କର
ଘେନ ମୋ କୋଟି ପ୍ରଣତି।

ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬

ଅଳସ ସମୟର ପଥେ

ଅନସୂୟା ପଣ୍ଡା

ଭରସାର ଝୁଲା ପୋଲ
ଭାଙ୍ଗିଗଲା ପରେ
ଇଡି ହେଇଯାଏ ଅଭଙ୍ଗପଣ ଯେତେ
ଅଥଳ ଜଳରେ ଅସହନରେ
ଅଣନିଃଶ୍ୱାସୀ ଲାଗେ ପ୍ରତିଟି ମୂହୁର୍ତ୍ତ
ଆଦି କଥା ଅଦମ୍ୟ କୋହକୁ ଭେଟେ
ଯେବେ ଏକାନ୍ତରେ ଗଲା ଦିନ ଭେଟେ।

ଆଣିଥିଲି ପ୍ରୀତିର ଫରୁଆଟିଏ
ବାହୁଡା ବେଳର ଅସଜଡା ମନ ସାଥେ
ସେଥିରେ ସାଇତା ଥିଲା
ସଜଳ କେଇ ପଦ କଥା
କହିଥିଲ ପବନ ତ ସରିଯିବ କେବେ
ନିଃଶ୍ୱାସକୁ ନିଃଶବ୍ଦ କରି ବେଳ ରତରତେ।

କିଏ ଥିବ ଅଳସ ସମୟର ପଥେ
କିଏ ବି ନଥିବ ଛୁପାଛୁପି ନିୟତିର ହାତେ
ଅତୀତକୁ ଓହ୍ଲେଇ ଆଣିବା ନିଆରା ଢଙ୍ଗରେ
ଅଦୃଶ୍ୟର ସାହାଣ ବେଦିରେ ପିପ୍ରୀଷାରେ
ବିଞ୍ଚିଦେବା ସୁବାସିତ କରି ଫରୁଆଏ ମୋତି।

ସେ ମୋତିରେ ଖୁସିର ସବୁଜ ସପନ
ଚିକ୍ ଚିକ୍ କରିବ ଆଖିର ଓଦା ପଣ ଭେଦି
କହିଦେବ ପ୍ରୀତିପର୍ଣ୍ଣା ମୂହୁର୍ତ୍ତମାନେ
ଜିଇଁଉଠନ୍ତି ବାରବାର ସମୟର ପାଉଁଶ ତଳୁ
ଦୁର୍ଦ୍ଦିନର କାଳରାତ୍ରି ଭେଦି।

ବୁର୍ଲା, ସମ୍ବଲପୁର,
ଦୂରଭାଷ: ୯୪୩୯୨୧୧୯୭୧

ସନ୍ଧି

ଡ. ଦୀପକ କୁମାର ମିଶ୍ର

ତୁମ ପ୍ରେମ
ପଥରଚଟାଣର କେରାଏ ଘାସ ପରି
କୋମଳତା ବୁଝି ମାପୁ ମାପୁ
ହଠାତ କେତେବେଳେ ଘୋର ନିଷ୍ଠୁରତା ସହ
ଲଢ଼େଇ କରିବାକୁ ପଡ଼ିବ
କହିବା ବି ମୁସ୍କିଲ୍।

ଚାଲ ପ୍ରେମ ଆଗରୁ ସନ୍ଧିଟିଏ କରିନେଇ
ଆଡ଼େଇଦେବା ଯୁଦ୍ଧର ଘନଘଟା
ଦିନର ସନ୍ଧିପତ୍ରର ବୁଝାମଣା ଆଳରେ
ଦୁହେଁ ମିଶି
ରାତିର ନିରୀହ ନିରବତାକୁ
ଧୀରେ ଧୀରେ ବାଟ କଢ଼ାଇନେବା।

ଆଜି ଠାରୁ
ସମଗ୍ର ହୃଦୟ ସମୁଦ୍ର ମୋର,
ସାରା ମନ ଆକାଶ ତୁମର
ଦୁଇପକ୍ଷଙ୍କର ଆଜୀବନ ମଧ୍ୟସ୍ଥି ହୋଇ
ଅକବଳିତ ରାଜ୍ୟ ରୂପେ
ବିଚରା ଦୁର୍ବଳ ଦେହଭୂମି
ସେମିତି ପଡ଼ି ରହିଥାଉ ସବୁଦିନ।

ଭୁବନେଶ୍ୱର
ଦୂରଭାଷ : ୮୨୮୦୨୧୧୦୦୦

ଅଥଚ ସମୟ

ସଞ୍ଜୀବ କୁମାର ଦାସ

ସମୟ ଭରପୁର, ମାତ୍ର,
ପହଂଚିବା ଆଗେ ଇପ୍ସିତ ଥାନରେ ଅଟକି ଯାଉଛ ଆଉ
କହୁଚ:ଟାଣି ଓଟାରି ରଖିଛି କିଏ ଅବା ପଛରୁ
ବଢି ହେଉନି ଯିବାକୁ ଆଗକୁ ,ଆହୁରି ଆଗକୁ !
ସମୟ ସାରଣୀ ଭିତରେ ବେଗି ବେଗି ଯିବା ହେଉନି ସମ୍ଭବ
ଯେତେ ମାପିଚୁପି ବଢ଼ାଇଲେ ପାଦ ଓ
ଯାହା ଭଲ ସବୁ ତୁମେ କହୁଥିଲ, କରୁଥିଲ
ଗୋଟିଏ ସୋପାନରୁ ପହଂଚି ଅନ୍ୟତ୍ର
ଦେଇ ସଂକେତ କିଂଚିତ : ଯାହା ମୁଁ କରିଛି ସବୁ ବିଚାରି ଉତ୍ତମ ଓ
ହେଲେ ସମ୍ପର୍କର କିଛି ଖିଅ ଏବେ ବିଛାଡ଼ି ପଡିଛି ଏଣେତେଣେ ଓ
ଯାହା ସବୁ ତୁମେ ଭାବୁଥିଲ,କହୁଥିଲ ନ ହୋଇ ଭାବପ୍ରବଣ :
ମୋ ବିଚାରରେ ଏସବୁ ତ ଖାପ ଖାଇ ଯାଉଛନ୍ତି ;ସଭିଏଁ ଆପଣାଉଛନ୍ତି ଓ
ଏବେ କିନ୍ତୁ ସବୁ ଓଲଟ ପାଲଟ, ଦେଖିଲେ ନିରିଖେଇ ସବୁ ଅବା ଯେସନ
ଜଳ ଆବର୍ତ୍ତରେ ଘୋର ନିଷ୍ପେସିତ !
ଦେଖ , ଯାଇପାରୁଛ ଯଦି ଏଡି ସବୁ ସଂଘାତ ମୁହୂର୍ତ୍ତ !
କାରଣ ,ତୁମ ପାଇଁ ସମୟ ଭରପୁର .....

ମର୍କତ ନଗର,କଟକ। ମୋ :୬୩୭୧୬୧୯୦୦୫

ମାନବତା

ମନୋଜ କୁମାର ବେହେରା

ସ୍ମିତାର ପୁଅ କାହ୍ନାର ବରଯାତ୍ରୀର ଶୋଭାଯାତ୍ରା ବଡ ଧୁମ୍‌ଧାମ୍‌ରେ ବାହାଘର ସ୍ଥାନକୁ ବାହାରି ସାରିଥିଲା । ବରର ଆଗରେ ମୁଣ୍ଡରେ ଲାଇଟ୍ ଧରି ଆଠରୁ ଦଶ ଜଣ ମହିଳା ଚାଲୁଥିଲେ । ଠିକ୍ ସେତିକି ବେଳେ ସେ ଦେଖିଲେ କି ଜଣେ ଗର୍ଭବତୀ ମହିଳା ଧୀରେ-ଧୀରେ ଚାଲୁଛନ୍ତି । ସ୍ମିତା ଏହା ଦେଖି ମନେ ମନେ ଚିନ୍ତା କଲେ ୟାଙ୍କୁତ ଆରାମର ଆବଶ୍ୟକତା ଅଛି । ଆଉ ସେ ଦେଖିଲେ ତାଙ୍କ ପଛରେ ତାଙ୍କ ଘରେ କାମ କରୁଥିବା ଚାକରାଣୀ ରୀତା ସଜବାଜ ହୋଇ ତାଙ୍କ ପଛ ପଛେ ଆସିଥିଲା । ସେ ତାକୁ ଡାକିଲେ,ଆଉ କହିଲେ ଦେଖି ସେ ମହିଳା ଜଣକ ଗର୍ଭବତୀ ଅଛନ୍ତି ଆଉ ତାଙ୍କ ମୁଣ୍ଡରୁ ଲାଇଟ୍‌ର କୁଣ୍ଡକୁ ବାହାର କରି ନିଜ ମୁଣ୍ଡ ଉପରେ ରଖିକରି ଚାଲ । ଆଉ ଯାହା ପଇସା କଥା କହିବୁ ତାହା ମୁଁ ତତେ ଦେବି । ଟିକିଏ ସମୟ ନୀରବ ରହିବା ପରେ ସେ ରାଜି ହୋଇଗଲା । ଆଉ ସ୍ମିତା ସେହି ମହିଳାଙ୍କୁ ପାଞ୍ଚ ଶହ ଟଙ୍କା ନିଜ ପର୍ସରୁ କାଢି କରି ଦେଲେ ଆଉ କହିଲେ ଏହି ଅବସ୍ଥାରେ ତୁମକୁ ଆରାମର ଆବଶ୍ୟକତା ଅଛି । ତୁମେ ତୁମ ମୁଣ୍ଡରୁ ଏହି ଲାଇଟ୍ କୁଣ୍ଡଟାକୁ ଓହ୍ଲାଇ ଦିଅ ତଳକୁ । ସ୍ମିତାର ମାନବତାକୁ ଦେଖିକରି ସେହି ଗର୍ବବତୀ ମହିଳା ତାଙ୍କୁ ଆଶୀର୍ବାଦ କରି କହିଲେ,ଭଗବାନ ଆପଣଙ୍କର ମଙ୍ଗଳ କରନ୍ତୁ। ଆପଣ ଗୋଟିଏ ମହିଳାର ଦୁଃଖ-ଯନ୍ତ୍ରଣାକୁ ବୁଝି ପାରିଲେ । ତା'ର କଥା ଶୁଣିକରି ସ୍ମିତା ବଡ ସହଜ ଭାବରେ କହିଲେ,ଯଦି ଗୋଟିଏ ମହିଳା ଯଦି ଅନ୍ୟ ମହିଳାର ଦୁଃଖକୁ ନ ବୁଝିପାରିବ..ତା'ହେଲେ କିଏ ବୁଝିବ!

ପ୍ଲଟ ନମ୍ବର-୨୧୭/ପି, ବାୟାବାବା ମଠ ଲେନ୍, ୟୁନିଟ୍-୯(ଫ୍ଲାଟ),ଭୁବନେଶ୍ୱର
ଦୂରଭାଷ : ୭୯୭୮୮୩୦୬୧୧

ଦିବ୍ୟାଂଶୀ ପ୍ରିୟଦର୍ଶିନୀ
ଷ୍ଟାଣ୍ଡାର୍ଡ - ୪
ସେଣ୍ଟ ଜାଭିୟର୍ସ ସ୍କୁଲ
ସାଲେପୁର

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର
ପରିକ୍ରମା
ଭୁବନେଶ୍ୱର, ୧୮ - ୨୪ ସେପ୍ଟେମ୍ବର, ୨୦୨୩
ପରିକ୍ରମା

'ଓଡ଼ିଶାରେ ଜନତନ୍ତ୍ର ନୁହେଁ ବାବୁତନ୍ତ୍ର ଚାଲିଛି'

ଭୁବନେଶ୍ୱର : ରାଜ୍ୟ ସରକାରଙ୍କ "ଦୁର୍ନୀତି ପ୍ରତି ଶୂନ୍ୟ ସହନଶୀଳତା"(ଜିରୋ ଟଲରେନ୍ସ ଫର୍ କରପସନ୍)ର କେବଳ ପ୍ରଚାର ଚାଲିଛି କିନ୍ତୁ ବାସ୍ତବତା ସମ୍ପୂର୍ଣ୍ଣ ଭିନ୍ନ, ବରଂ ଦୁର୍ନୀତିଗ୍ରସ୍ତ ଅଫିସରଙ୍କୁ ସୁରକ୍ଷା ଦେବାରେ ମୁଖ୍ୟମନ୍ତ୍ରୀ ଓ ଆମ ରାଜ୍ୟ ସମଗ୍ର ଦେଶରେ ଅଗ୍ରଣୀ ସ୍ଥାନରେ ରହିଛି । ପ୍ରାୟ ପ୍ରତିଦିନ ଭିଜିଲାନ୍ସ ବିଭିନ୍ନ ସରକାରୀ ଅଫିସର ଓ କର୍ମଚାରୀଙ୍କ ବିରୁଦ୍ଧରେ ପଦକ୍ଷେପ ନେଉଛି । ଛୋଟ ଛୋଟ କର୍ମଚାରୀ ବିରୁଦ୍ଧରେ ଦଣ୍ଡବିଧାନ ହେଉଛି କିନ୍ତୁ ବଡ ଅଫିସରଙ୍କ ବିରୋଧରେ ଦଣ୍ଡବିଧାନ ଲାଗୁ ହେଉନାହିଁ । ସାଧାରଣ ଲୋକ ବି ଭାବୁଥାଇ ପାରନ୍ତି ଯେ, ଭିଜିଲାନ୍ସ ଚଢ଼ାଉ କରୁଛି, ନବୀନ ଦୁର୍ନୀତିକୁ ପ୍ରଶ୍ରୟ ଦିଅନ୍ତି ନାହିଁ; କିନ୍ତୁ ଭଜିଲାନ୍ସ ତଦନ୍ତ କରି ଚାର୍ଜସିଟ୍ ଫାଇଲ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କୁ ମଞ୍ଜୁରୀ ମାଗିବାକୁ ଗଲେ ନବୀନଙ୍କ ଅସଲ ରୂପ ଜଣାପଡୁଛି । ବିଭାଗୀୟ ଅନୁମତି ସତ୍ତ୍ୱେ ବର୍ଷ ବର୍ଷ ଧରି ଫାଇଲ ପଡିରହୁଛି । ସେଥିପାଇଁ ଦୁର୍ନୀତିଗ୍ରସ୍ତ ବାବୁମାନେ ଆରାମରେ ବୁଲୁଛନ୍ତି । ସେମାନେ ଜାଣନ୍ତି ଭିଜିଲାନ୍ସ ମକଦ୍ଦମା କଲେ ବି ମୁଖ୍ୟମନ୍ତ୍ରୀଙ୍କ ଠାରୁ ଅନୁମତି ମିଳିବ ନାହିଁ । ଏହା ମୁଖ୍ୟମନ୍ତ୍ରୀଙ୍କ ଦୁର୍ନୀତି ପ୍ରତି ସହନଶୀଳତା ନା ଦୁର୍ନୀତି ପ୍ରତି ସୁରକ୍ଷା କବଚ ? ଓଡ଼ିଶାରେ ଦୁର୍ନୀତିଗ୍ରସ୍ତ ଅଫିସରଙ୍କ ସୁରକ୍ଷାଦାତା ସ୍ୱୟଂ ମୁଖ୍ୟମନ୍ତ୍ରୀ ବୋଲି ରାଜ୍ୟ ମୁଖପାତ୍ର ମନୋଜ ମହାପାତ୍ର କହିଛନ୍ତି । ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ

ସେ କହିଛନ୍ତି ଯେ, ମାନ୍ୟବର ସୁପ୍ରିମକୋର୍ଟଙ୍କ ଏକ ୫ଜଣିଆ ଖଣ୍ଡପୀଠ, ଦୁର୍ନୀତିଗ୍ରସ୍ତ ଅଫିସରଙ୍କ ବିରୁଦ୍ଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନେଇ ଏକ ଐତିହାସିକ ରାୟ ଦେଇଛନ୍ତି । ମାନ୍ୟବର କୋର୍ଟଙ୍କ ଆଦେଶ ମୁତାବକ ୨୦୦୩ ମସିହାରୁ ଅଦ୍ୟାବଧି ଦୁର୍ନୀତଗ୍ରସ୍ତ ଅଫିସରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ କୌଣସି ସରକାରୀ ମନ୍ତ୍ରଣାଳୟ ବା ମୁଖ୍ୟମନ୍ତ୍ରୀଙ୍କ ମଞ୍ଜୁରୀ ଆବଶ୍ୟକତା ନାହିଁ । ସେହି ଅନୁଯାୟୀ ଓଡ଼ିଶାରେ ୨୨୭ଜଣ ଆଇଏଏସ୍ ଓ ଓଏଏସ୍ ଯେଉଁମାନେ ଦୁର୍ନୀତି ଓ ଭ୍ରଷ୍ଟାଚାରରେ ରାଜ୍ୟ ଭିଜିଲାନ୍ସ ଧରିଛି ଓ ଯେଉଁମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ମଞ୍ଜୁରୀ ମଗାଯାଇଛି, ବର୍ତମାନ ମାନ୍ୟବର କୋର୍ଟଙ୍କ ଆଦେଶ ଫଳରେ ଏବେ ମଞ୍ଜୁରୀର ଆବଶ୍ୟକତା ନାହିଁ । ଯେଉଁ ମୁଖ୍ୟମନ୍ତ୍ରୀ ନିଜର ଆତ୍ମଘୋଷିତ ସ୍ୱଚ୍ଛ ଚେହେରାର ଖୋଳପା ପିନ୍ଧି ଦୁର୍ନୀତିଗ୍ରସ୍ତ ଅଫିସରଙ୍କୁ ସୁରକ୍ଷା ଦେଇ ବିଭିନ୍ନ ବେଆଇନ କାମରେ ଲଗାଉଥିଲେ ମାନ୍ୟବର ସୁପ୍ରିମକୋର୍ଟଙ୍କ ରାୟ ପରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱଚ୍ଛ ଚେହେରା ଲୋକ ଲୋଚନକୁ ଆସିଛି । ମୁଖ୍ୟମନ୍ତ୍ରୀ ଦୁର୍ନୀତିଗ୍ରସ୍ତ ଅଫିସରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଆଉ ମଞ୍ଜୁରୀ ପ୍ରାପ୍ତିର ଆବଶ୍ୟକତା ନାହିଁ ଓ ରାଜ୍ୟ ଭିଜିଲାନ୍ସ ୨୦୦୩ ମସିହାରୁ ଅଦ୍ୟାବଧି ଦୁର୍ନୀତ ଲିପ୍ତ ଅଦ୍ୟାବଧି ସମସ୍ତ ଅଫିସରଙ୍କ ବିରୋଧରେ ତୁରନ୍ତ ଚାର୍ଜସିଟ୍ ଫାଇଲ କରି ଦଣ୍ଡବିଧାନ କରିବା ପାଇଁ ନିର୍ଦ୍ଦେଶ ଦିଅନ୍ତୁ । ରାଜ୍ୟରେ ପ୍ରଶାସନିକ ଅଧିକାରୀ ସର୍ବେସର୍ବା । "ଓଡ଼ିଶାରେ ଜନତନ୍ତ୍ର ନୁହେଁ ବାବୁତନ୍ତ୍ର ଚାଲିଛି"। ବିଛାଖଣ୍ଡି ଓ ଡଙ୍କାରୀ ପାହାଡ ଲୁଟ୍ ଘଟଣାକୁ ଉଦାହରଣଭାବେ ନିଆଯାଉ । ଏହି ଲୁଟ୍ ଘଟଣାରେ ସଂପୃକ୍ତ ଅଧିକାରୀମାନଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ନିଆଗଲା ? ସଂପୃକ୍ତ ତତ୍‌କାଳୀନ ଜିଲ୍ଲାପାଳ ଏବେ ଶ୍ରୀମନ୍ଦିର ପ୍ରଶାସନର ମୁଖ୍ୟ । ଯିଏ ଅଭିଯୋଗ କରିଥିଲେ ତାଙ୍କୁ ଜେଲ୍‌ରେ ପୁରାଇଥିବା ତହସିଲଦାର ବର୍ତ୍ତମାନ 'ପ୍ରାଇମ ପୋଷ୍ଟ'ରେ । ପ୍ରଶାସନିକ ଅଫିସରଙ୍କୁ ବୋଧହୁଏ ଅଲିଖିତ ନିର୍ଦ୍ଦେଶ ଅଛି 'ଦୁର୍ନୀତି କର ସୁରକ୍ଷା ପାଇବ'; 'ବିରୋଧୀଙ୍କୁ ସାବାଡ କର, ଦୁଧିଆଳି ପଦବୀରେ ଅବସ୍ଥାପିତ ହେବ' ବୋଲି ଶ୍ରୀ ମହାପାତ୍ର କହିଛନ୍ତି । ନିୟମ ଅନୁସାରେ ଭିଜିଲାନ୍ସ ତଦନ୍ତ କରି ଚାର୍ଜସିଟ୍‌ର ନକଲ ସହ ମଞ୍ଜୁରୀ ଆବେଦନ ପତ୍ର ଚିଫ୍ ସେକ୍ରେଟାରୀଙ୍କୁ ଦିଆଯିବ । ଚିଫ୍ ସେକ୍ରେଟାରୀ ସେ ପତ୍ରକୁ ମୁଖ୍ୟମନ୍ତ୍ରୀଙ୍କୁ ବନ୍ଦ ଲଫାପାରେ ଦେବେ, ସେଭଳି ବହୁ ବନ୍ଦ ଲଫାପା ମୁଖ୍ୟମନ୍ତ୍ରୀ ଚାପିକି ରଖିଛନ୍ତି । ସେ ବନ୍ଦ ଲଫାପା ଉପରେ ଭିଜିଲାନ୍ସ ତରଫରୁ ଦିଆଯାଉଥିବା ତଥ୍ୟ ପ୍ରମାଣ ସମୀକ୍ଷା କରି ମଞ୍ଜୁରୀ ଦେବା କଥା । ବୋଧହୁଏ ମୁଖ୍ୟମନ୍ତ୍ରୀଙ୍କର ସମୀକ୍ଷା କରିବାର ସାମର୍ଥ୍ୟ ନାହିଁ କିମ୍ବା ଜାଣିଶୁଣି ମୁଖ୍ୟମନ୍ତ୍ରୀ ସେହି ଦୁର୍ନୀତଗ୍ରସ୍ତ ଅଧିକାରୀଙ୍କୁ ସୁରକ୍ଷା ଦେବା ପାଇଁ ମଞ୍ଜୁରୀ ଦେଉନାହାନ୍ତି । ମୁଖ୍ୟମନ୍ତ୍ରୀ ଆଲିବାବା ଚାଲିଶ୍ ଚୋର ନୀତିରେ ଚାଲିଛନ୍ତି ବୋଲି ଶ୍ରୀ ମହାପାତ୍ର କହିଛନ୍ତି । ୨୨ଜଣ ଆଇଏଏସ୍ ମଧ୍ୟରୁ କେବଳ ବିନୋଦ କୁମାରଙ୍କୁ ଛାଡିଦେଲେ କାହା ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇନାହିଁ । ୨୨୭ଜଣ ପ୍ରଥମ ଶ୍ରେଣୀ ଅଧିକାରୀଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ ପାଇଁ ବିଭାଗୀୟ ମଞ୍ଜୁରୀ ମିଳିନାହିଁ ବୋଲି ଶ୍ରୀ ମହାପାତ୍ର କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ଅନିଲ ବିଶ୍ୱାଳ, ରାଜ୍ୟ ଗଣମାଧ୍ୟମ ସହମୁଖ୍ୟ ସୁଜିତ୍ କୁମାର ଦାସ୍ ପ୍ରମୁଖ ଉପସ୍ଥିତ ଥିଲେ ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

କ୍ଷତିଗ୍ରସ୍ତ ...

ପାଣି ଫୋଟକା ଭଳି ମିଳେଇ ଯାଉଛି । ୧୦ ବର୍ଷ ତଳେ ଚିଟଫଣ୍ଡ ଦୁର୍ନୀତିକୁ ନେଇ ରାଜ୍ୟ ହୁଲୁସ୍ଥୁଲ ହେଉଥିବା ବେଳେ ସରକାର ବିଚାର ବିଭାଗୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇ ପରିସ୍ଥିତିକୁ ଆୟତ୍ତକୁ ଆଣିଥିଲେ । ୨୦୧୩ ଜୁଲାଇ ୯ରେ ସରକାର ଘଟଣାର ବିଚାର ବିଭାଗୀୟ ତଦନ୍ତ ପାଇଁ ଜଣିକିଆ କମିସନ୍ ଗଠନ କରିଥିଲେ । ଏଥି ସହିତ ଚିଟଫଣ୍ଡ କ୍ଷତିଗ୍ରସ୍ତଙ୍କ ପାଇଁ ୩ ଶହ କୋଟି ଟଙ୍କାର କର୍ପସ ପାଣ୍ଠି ଗଠନ ନେଇ ରାଜ୍ୟ ସରକାର ଘୋଷଣା କରିଥିଲେ । ସରକାର ତଦନ୍ତ ପାଇଁ ୬ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରିବା ପରେ ଚିଟଫଣ୍ଡ ତଦନ୍ତକୁ ୨୦୨୦ରୁ ଏକ ପ୍ରକାର ଭୁଲି ଯାଇଛନ୍ତି । ୨୦୨୦ ଫେବ୍ରୁଆରୀ ୪ରୁ ଚିଟଫଣ୍ଡ ଘଟଣାର ବିଚାର ବିଭାଗୀୟ ତଦନ୍ତ କରୁଥିବା ଜଷ୍ଟିସ ମଦନ ମୋହନ ଦାସ କମିସନଙ୍କ କାର୍ଯ୍ୟକାଳ ଶେଷ ହୋଇଥିବା ବେଳେ କମିସନଙ୍କ କାର୍ଯ୍ୟାଳୟ ବାହାରୁ ତାଲା ପଡ଼ିରହିଛି । କାର୍ଯ୍ୟାଳୟରେ ନୂଆ ଓ ପୁରୁଣା ସତ୍ୟପାଠ, ଆସବାବପତ୍ର, କମ୍ପ୍ୟୁଟର, ବିଭିନ୍ନ କମ୍ପାନିକୁ ଜାରି କରାଯାଇଥିବା ନୋଟିସ୍, ତଦନ୍ତ ସମୟରେ କେତେକ କମ୍ପାନି ଦାଖଲ କରିଥିବା ଜବାବ, କମିସନ ତଦନ୍ତ ସମୟରେ ସଂଗ୍ରହ କରିଥିବା ତଥ୍ୟ ପ୍ରମାଣ ନଷ୍ଟ ହୋଇଗଲାଣି । ୨୦୧୩ରେ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ଆର.କେ.ପାତ୍ର ତଦନ୍ତ କମିସନର ପ୍ରଥମ ଅଧ୍ୟକ୍ଷ ରହିଥିବା ବେଳେ ଜଷ୍ଟିସ ପାତ୍ରଙ୍କ ପରଲୋକ ପରେ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ମଦନ ମୋହନ ଦାସଙ୍କୁ ୨୦୧୫ ଫେବ୍ରୁଆରି ୫ରେ ତଦନ୍ତ ଦାୟିତ୍ୱ ପ୍ରଦାନ କରାଯାଇଥିଲା । ସେ ୨୦୨୦ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ । କିନ୍ତୁ ତାପରେ କମିଶନ କ'ଣ ତଦନ୍ତ କଲେ ଓ କ'ଣ ରିପୋର୍ଟ ଦେଲେ ତାହା କାହିଁକି ସାର୍ବଜନୀନ କରାଯାଉନାହିଁ ବୋଲି ପ୍ରଶ୍ନ କରିଛନ୍ତି ବିରୋଧୀ । ତଦନ୍ତ କମିସନ୍ ୪ ଲକ୍ଷ ୯୭ ହଜାର ୮୪୪ ଜଣ କ୍ଷୁଦ୍ର ଜମାକାରୀଙ୍କୁ ଚିହ୍ନଟ କରି ସରକାରଙ୍କୁ ସାତଟି ରିପୋର୍ଟ ପ୍ରଦାନ କରି ସାରିଛନ୍ତି । ହାତ ଗଣତି କିଛି କ୍ଷୁଦ୍ର ଜମାକାରୀ କମିସନଙ୍କ ଜରିଆରେ ସେମାନଙ୍କ ଜମା ଟଙ୍କା ଫେରସ୍ତ ପାଇଛନ୍ତି । କିନ୍ତୁ କମିସନଙ୍କ ନିକଟରେ ପ୍ରାୟ ୭ ଲକ୍ଷ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତ ଜମାକରୀ ସତ୍ୟପାଠ ଦାଖଲ କରି ନ୍ୟାୟ ଅପେକ୍ଷାରେ ରହିଛନ୍ତି । ସୂଚନାଥାଉ କି, ୨୦୧୩ରେ ଚିଟଫଣ୍ଡ କେଲେଙ୍କାରୀରର ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ ସୁପ୍ରିମକୋର୍ଟ ।

ଗାଁକୁ ଗଡ଼ିବ ...

ଟେକ୍ନୋଲୋଜି (ଏନଆଇଏସଟି)କୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇଁ ସ୍ୱତନ୍ତ୍ର ଆଇନକୁ କ୍ୟାବିନେଟ୍ ଅନୁମୋଦନ ମିଳିଛି । ସେହିପରି ଓଡ଼ିଶା ଭୂ-ସଂସ୍କାର ଆଇନ-୧୯୬୦ର ଧାରା -୮ର ଉପଧାରା-୨ ଅନୁସାରେ ଓଡ଼ିଶା ସରକାର ରାଜ୍ୟର ବିଭିନ୍ନ ସ୍ଥାନରେ ଚାଷଜମିକୁ କୃଷି ବ୍ୟତୀତ ଯେକୌଣସି ଅଣକୃଷି ଉଦ୍ଦେଶ୍ୟରେ ବ୍ୟବହାର ନିମନ୍ତେ କିସମ ପରିବର୍ତ୍ତନ ଦେୟ ପ୍ରତି ଏକର ଚାଷ ଜମିର ବଜାର ଦରର ଏକ ପ୍ରତିଶତ ଧାର୍ଯ୍ୟ କରିଛନ୍ତି । ଓଡ଼ିଶା ଭୂ-ସଂସ୍କାର ଆଇନ(ସଂଶୋଧନ)-୨୦୨୩ର ବିଜ୍ଞପ୍ତି ପ୍ରକାଶନ ଦିନଠୁ ଏହା କାର୍ଯ୍ୟକାରୀ ହେବ । ଓଡ଼ିଶା ସ୍ୱାସ୍ଥ୍ୟ ଗୁଇନ୍ଦା ଓ ଗୁରୁତ୍ୱପୂର୍ଣ୍ଣ ପରିସଂଖ୍ୟାନ ସେବା(ନିଯୁକ୍ତି ଓ ସେବା ସର୍ତ୍ତାବଳୀ) ନିୟମାବଳୀ-୨୦୨୩ ପ୍ରଣୟନ ପାଇଁ କ୍ୟାବିନେଟ୍ ମଞ୍ଜୁରୀ ଦେଇଛନ୍ତି । ଓଡ଼ିଶା ଷ୍ଟାଫ ସିଲେକ୍ସନ କମିଶନ ଏହି ପରିସଂଖ୍ୟାନ ସହାୟକ ପଦବୀ ପାଇଁ ନିଯୁକ୍ତି ପ୍ରକ୍ରିୟା କରିବେ ଓ ଶିକ୍ଷାଗତ ଯୋଗ୍ୟତା ଯୁକ୍ତ ୨ କମ୍ପ୍ୟୁଟର ପରିବର୍ତ୍ତେ ସ୍ନାତକ ଡିଗ୍ରୀ ସହ ଗଣିତ କିମ୍ବା ପରିସଂଖ୍ୟାନ ସହିତ କମ୍ପ୍ୟୁଟର ଅଭିଜ୍ଞତା ରହିବା ଜରୁରୀ । ଆବେଦନ ବୟସ ୧୮ବର୍ଷ ପରିବର୍ତ୍ତେ ୨୧ବର୍ଷକୁ ବୃଦ୍ଧି କରାଯାଇଛି । ଏହାଦ୍ୱାରା ନୂତନ ନିଯୁକ୍ତି ଓ ସେବା ସର୍ତ୍ତାବଳୀନ ତ୍ୱରିତ୍ ପଦୋନ୍ନତି ସୁବିଧା ପ୍ରଦାନ କରିବ ଓ କର୍ମଚାରୀମାନଙ୍କର ମନୋବଳ ବୃଦ୍ଧି ସହ ସେବା କାର୍ଯ୍ୟ ପାଇଁ ସେମାନେ ଅନୁପ୍ରାଣୀତ ହେବେ । ସେହିପରି ଷୋଡ଼ଶ ବିଧାନସଭାର ତ୍ରୟୋଦଶ ଅଧିବେଶନ ଆହୂତ ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି । ବାଣିଜ୍ୟ ଓ ପରିବହନ ବିଭାଗର 'ଲଷ୍ଟ୍ର' ଯୋଜନାକୁ ସମଗ୍ର ରାଜ୍ୟରେ କାର୍ଯ୍ୟକାରୀ କରିବା ପ୍ରସ୍ତାବକୁ ଅନୁମୋଦନ ମିଳିଥିବାବେଳେ ଅର୍ଥ ବିଭାଗର ଦୁଇଟି ପ୍ରସ୍ତାବ ଯଥା ଓଡ଼ିଶା ଜିଏସଟି ଆଇନ-୨୦୧୭ର ସଂଶୋଧନ ଏବଂ ଓଡ଼ିଶା ବେସାମରିକ ପ୍ରଶାସନିକ ସେବା(ପେନସନ) ରୁଲସ-୧୯୯୨ରେ ସଂଶୋଧନ ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି । ଫଳରେ ଅବସର ନେଉଥିବା ସରକାରୀ କର୍ମଚାରୀଙ୍କୁ ସେମାନଙ୍କ ବୃତ୍ତାନ୍ତ ପେନସନ୍ ପ୍ରଦାନ ପ୍ରକ୍ରିୟାକୁ ସରଳ କରାଯାଇଛି । ଅବସର ନେବାର ୬ମାସ ପୂର୍ବରୁ ଏହି ପ୍ରକ୍ରିୟା ଆରମ୍ଭ ହେବ ଓ ପେନସନ ପ୍ରଦାନରେ ବିଳମ୍ବ ପାଇଁ ସମ୍ପୃକ୍ତ ଅଫିସରଙ୍କ ଦାୟୀ ରହିବେ ।

ମା'ମାନଙ୍କ ...

ପରିବାରକୁ ଉପଯୁକ୍ତ ପୁଷ୍ଟି କେବଳ ମା' ହିଁ ଦେଇ ପାରିବ । ତେଣୁ ଏହି କାର୍ଯ୍ୟକ୍ରମର ସଫଳତା ମା'ମାନଙ୍କ ଉପରେ ନିର୍ଭର କରେ । ଆମ ଅଙ୍ଗନବାଡି କର୍ମୀ ଓ ମିଶନ ଶକ୍ତି ମା'ମାନଙ୍କର ମଧ୍ୟ ଏହି କାର୍ଯ୍ୟକ୍ରମର ସଫଳତା ପାଇଁ ଗୁରୁଦାୟିତ୍ୱ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଓଡିଶା ଦେଶର ପ୍ରଥମ ରାଜ୍ୟ ଭାବେ ୨୦୨୦-୨୧ ବର୍ଷରୁ ପୁଷ୍ଟି ବଜେଟ ପରିକଳ୍ପନା କରିଛି । ମମତା ଯୋଜନାରେ ରାଜ୍ୟର ଗର୍ଭବତୀ ମହିଳା ଓ ନବଜାତ ଶିଶୁମାନଙ୍କ ସ୍ୱାସ୍ଥ୍ୟର ଉପଯୁକ୍ତ ଯତ୍ନ ନିଆଯାଉଛି । 'ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା' ଏ କ୍ଷେତ୍ରକୁ ଅଧିକ ସୁଦୃଢ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଏହି ଯୋଜନା ଦ୍ୱାରା ରାଜ୍ୟର ପ୍ରତ୍ୟେକ ମହିଳା ଓ ଶିଶୁ ସ୍ୱାସ୍ଥ୍ୟବାନ ହୋଇପାରିବେ । ଏହା ଦ୍ୱାରା ଆମେ ସମୃଦ୍ଧି ପଥରେ ଆଗେଇବା ସହିତ ଆମ ଲକ୍ଷ୍ୟ ହାସଲରେ ସଫଳ ହେବା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଲେ ଯେ, ୫ଟିର ପାଞ୍ଚଟି ଉପାଦାନର ପ୍ରୟୋଗରେ ମହିଳା ଓ ଶିଶୁ ବିକାଶ ବିଭାଗ ତୃଣମୂଳ ସ୍ତରରେ ସମସ୍ତଙ୍କୁ ସଂଶ୍ଳିଷ୍ଟ କରି ଏହି ଯୋଜନାର ସଫଳ କାର୍ଯ୍ୟକାରିତା ପାଇଁ କାର୍ଯ୍ୟକରିବ ବୋଲି ମୁଁ ଦୃଢ ନିଶ୍ଚିତ । ଆମ ସମସ୍ତଙ୍କ ସମ୍ମିଳିତ ଉଦ୍ୟମ ହିଁ ଲୋକମାନଙ୍କୁ ଉନ୍ନତ ସ୍ୱାସ୍ଥ୍ୟ ଓ ଉନ୍ନତ ପୁଷ୍ଟି ଯୋଗାଇ ଦେଇ ସାମଗ୍ରୀକ ବିକାଶକୁ ଆହୁରି ଆଗକୁ ନେବ । କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଯୋଗଦେଇ ବିଭାଗୀୟ ମନ୍ତ୍ରୀ ବାସନ୍ତୀ ହେମ୍ରମ କହିଲେ ଯେ, 'ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା' ଆମ ପାଇଁ ଏକ ମିଶନ । ଏହି ଯୋଜନା ସମଗ୍ର ଓଡିଶାବାସୀଙ୍କ ଜୀବନ ଓ ଭବିଷ୍ୟତକୁ ଉନ୍ନତ କରିବ । ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫ଟି) ଭି.କେ. ପାଣ୍ଡିଆନ୍ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଉନ୍ନୟନ କମିଶନର ତଥା ଅତିରିକ୍ତ ଶାସନ ସଚିବ ଅନୁ ଗର୍ଗ କହିଲେ ଯେ ପୁଷ୍ଟି ସୂଚକାଙ୍କରେ ଧିରେ ଧିରେ ଆମେ ଉପରକୁ ଉଠୁଛୁ । ଜାତୀୟ ସ୍ତରରେ ମଧ୍ୟ ଏ କ୍ଷେତ୍ରରେ ଓଡିଶା ଭଲ ସ୍ଥିତିରେ ରହିଛି । ପୁଷ୍ଟିସାଧନ କ୍ଷେତ୍ରରେ ରୂପାନ୍ତର ଆଣିବା ପାଇଁ 'ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା' ଏକ ସମୟୋପଯୋଗୀ ପଦକ୍ଷେପ ବୋଲି ସେ ବର୍ଣ୍ଣନା କରିଥିଲେ । କାର୍ଯ୍ୟକ୍ରମରେ ବିଭାଗୀୟ କମିଶନର ତଥା ଶାସନ ସଚିବ ଶୁଭା ଶର୍ମା ସ୍ୱାଗତ ଭାଷଣ ଦେଇଥିବା ବେଳେ ନିର୍ଦ୍ଦେଶକ ଲିଙ୍ଗରାଜ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

ଲୋକପ୍ରିୟତାର ...

ଆଧାର କରି ରିପୋର୍ଟ ପ୍ରକାଶ କରାଯାଇଥିବା ସଂସ୍ଥା କହିଛି । ପୂର୍ବରୁ ମଧ୍ୟ ସଂସ୍ଥା ପ୍ରକାଶ କରୁଥିବା ରିପୋର୍ଟରେ ସବୁବେଳେ ମୋଦି ହିଁ ୧ନଂ ସ୍ଥାନରେ ରହି ଆସୁଛନ୍ତି । ଏଥର ମୋଦିଙ୍କ ଡିସଆପ୍ରୁଭାଲ ବା ଗ୍ରହଣୀୟ ନୁହନ୍ତି ପଏଣ୍ଟ ସଂଖ୍ୟା ମାତ୍ର ୧୮% । ଏହା ବିଶ୍ୱର ସବୁ ନେତାଙ୍କ ଠାରୁ କମ । ଟପ୍ ୧୦ରେ ଥିବା କାନାଡା ପ୍ରଧାନମନ୍ତ୍ରି ଜଷ୍ଟିନ ଟ୍ରୁଡୋଙ୍କ ଡିସ ଆପ୍ରୁଭାଲ ପଏଣ୍ଟ ସବୁଠାରୁ ଅଧିକ ୫୮% ରହିଛି । ତାଙ୍କ ଆପ୍ରୁଭାଲ ପଏଣ୍ଟ ହେଉଛି ୩୭% । ତାଲିକାରେ ମୋଟ ୨୨ ଜଣ ନେତା ରହିଛନ୍ତି । ଶେଷ ରାଜନେତା ଜଣଙ୍କ ହେଲେ ଦକ୍ଷିଣ କୋରିଆର ରାଷ୍ଟ୍ରପତି ୟୋନ ସୁକ ୟେଓଲ । ତାଙ୍କ ଆପ୍ରୁଭାଲ ରେଟିଂ ୨୦% ରହିଛି । ତାଙ୍କ ସହ ସମାନ ଆପ୍ରୁଭାଲ ରେଟିଂ ପଏଣ୍ଟ ସହ ଚେକ ଗଣରାଜ୍ୟର ରାଷ୍ଟ୍ରପତି ପିଟର ପାଭେଲ ମଧ୍ୟ ସବୁଠାରୁ ଶେଷରେ ଅଛନ୍ତି । ବିଶ୍ୱ ଲୋକପ୍ରିୟତା ତାଲିକାର ୪ର୍ଥ ସ୍ଥାନରେ ବ୍ରାଜିଲର ଲୁଲା ଡା ସିଲିଭା, ୫ମରେ ଅଷ୍ଟ୍ରେଲିଆର ଆନଷ୍ଟାନୀ ଆଲବାନେସ, ୬ଷ୍ଠରେ ଇଟାଲୀର ଜର୍ଜିଆ ମେଲୋନି, ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ୪୦% ରେଟିଂ ପଏଣ୍ଟ ସହ ୭ମ ସ୍ଥାନରେ, ୮ମରେ ସ୍ପେନର ପେଣ୍ଡ୍ରୋ ସାଞ୍ଚେଜ ଓ ୯ମରେ ଆୟର୍ଲ୍ୟାଣ୍ଡର ଲିଓ ଭାରାଡକର ରହିଛନ୍ତି । ୨୦୨୧ ନଭେମ୍ବର ମାସରେ ମଧ୍ୟ ମୋଦି ଏହି ତାଲିକାରେ ୧ ନଂ ସ୍ଥାନରେ ଥିଲେ । ତାଙ୍କ ରେଟିଂ ପଏଣ୍ଟ ୬୬% ଥିଲା । ହେଲେ ଏବେ ତାଙ୍କ ଲୋକପ୍ରିୟତା ୭୬%କୁ ବୃଦ୍ଧି ପାଇଛି । ମର୍ଣ୍ଣିଂ କନସଲ୍ଟ ଅଷ୍ଟ୍ରେଲିଆ, ବ୍ରାଜିଲ, କାନାଡା, ଫ୍ରାନ୍ସ, ଜର୍ମାନୀ, ଇଣ୍ଡିଆ, ଇଟାଲୀ, ଜାପାନ, ମେକ୍ସିକୋ, ଦକ୍ଷିଣ କୋରିଆ, ସ୍ପେନ, ବ୍ରିଟେନ ଓ ଆମେରିକା ଭଳି ଦେଶର ନେତାମାନଙ୍କ ଲୋକପ୍ରିୟତାକୁ ଟ୍ରାକ କରି ରିପୋର୍ଟ ପ୍ରକାଶ କରିଛି । ସମାନ ସଂସ୍ଥା ୨୦୨୦ ମେ' ମାସରେ ପ୍ରଧାନମନ୍ତ୍ରୀଙ୍କ ଲୋକପ୍ରିୟତା ୮୪%ରେ ପହଞ୍ଚିଥିବା କହିଥିଲା । ୨୦୨୧ ମେ' ମାସରେ ଏହା ୬୩%କୁ ଖସିଥିଲା ।

ଡେଙ୍ଗୁ ସ୍ଥିତି ...

ଫଳରେ ରାଜ୍ୟବାସୀଙ୍କୁ ଡେଙ

"ଚିତା ପ୍ରକଳ୍ପ" କଣ ଏକ ଅସମ୍ଭବ ମିଶନ !

ଅସିତ ମହାନ୍ତି

ସେପ୍ଟେମ୍ବର ୨୦୨୨ ରେ ନାମିବିଆରୁ ଆଠଟି ଆଫ୍ରିକୀୟ ଚିତା ବାଘ ଭାରତକୁ ଅଣାଯାଏ। କିଛି ମାସ ପରେ, ଫେବୃଆରୀ ୨୦୨୩ ରେ, ଆହୁରି ୧୨ ଟି ଆଫ୍ରିକୀୟ ଚିତାବାଘ ଭାରତକୁ ଅଣାଯାଏ, କିନ୍ତୁ ଏଥର ଦକ୍ଷିଣ ଆଫ୍ରିକାରୁ। ଏହି ଚିତା'ର ଗୃହ ଲେଉଟାଣି ଦେଶବ୍ୟାପୀ ଚିତାର ଏକ ପ୍ରୋଜେକ୍ଟ ଥିଲା। ଯାହାର ଉଦ୍ୟମ ୨୦୦୯ ମସିହାରୁ ଚାଲିଥିଲା। ଉଦ୍ଦେଶ୍ୟ କେବଳ ଗୋଟିଏ - ଏହି ବିଲୁପ୍ତ ପ୍ରାଣୀକୁ ପୁନର୍ବାର ବଞ୍ଚାଇବା। ସେତେବେଳେ ଏହି ଏହି ଚିତାବାଘ ପ୍ରସଙ୍ଗରେ ଭାରତରେ ବହୁତ ହୋ -ହାଲ୍ଲା ହୋଇଥିଲା। କିନ୍ତୁ ଆଜି ସେହି ପ୍ରକଳ୍ପର ସ୍ଥିତି କ'ଣ ହେଲା, ବୋଧହୁଏ କେହି ଏହା ବିଷୟରେ କଥାବାର୍ତ୍ତା କରନ୍ତି ନାହିଁ। ବର୍ତ୍ତମାନ ପ୍ରକୃତ ପରିସ୍ଥିତି ହେଉଛି ୨୦ ଟି ଚିତାବାଘ ମଧ୍ୟରୁ ୬ ଟି ଚିତା ବାଘ ପ୍ରାଣ ହରାଇଛନ୍ତି। ଏହାର ଚରମ କାରଣ କ'ଣ ହୋଇପାରେ ? ଏହି ପ୍ରକଳ୍ପ ସଫଳ ହେବ କି ! ଏହି ବିଲୁପ୍ତ ପ୍ରାଣୀକୁ ପୁନଃ ଥଇଥାନ କରିବା ସମ୍ଭବ କି ? ବାସ୍ତବରେ ଚିତା, ଯାହା ଏହି ପଶୁର ନାମ, ପ୍ରକୃତରେ ସଂସ୍କୃତ ଶବ୍ଦ ଚିତ୍ରକାରୁ ଆସିଛି। ଯାହାର ଅର୍ଥ - ଯାହାର ଶରୀରରେ କଳା ଦାଗ ଥାଏ। ଚିତା ବାଘର ପୁରା ଶରୀରରେ କଳା ଚିହ୍ନ ଅଛି। ବୈଜ୍ଞାନିକଙ୍କ ଅନୁଯାୟୀ ଏହି ପ୍ରାଣୀମାନେ ପ୍ରାୟ ୮ ନିୟୁତ ବର୍ଷ ଧରି ପୃଥିବୀରେ ବସବାସ କରିଆସୁଛନ୍ତି।

ଦୁର୍ଭାଗ୍ୟବଶତ, ଆଜି ଦୁନିଆରେ କେବଳ ୮୦୦୦ ଚିତା ବାଘ ବାକି ଅଛନ୍ତି। ଏହା ପଛର କାରଣ ହେଉଛି - ମାନବ। ସିଧାସଳଖ କିମ୍ବା ପରୋକ୍ଷ ଭାବରେ ମନୁଷ୍ୟ ଦ୍ୱାରା ବିନାଶ କରାଯାଇଛି ଏବଂ ଗତ ୧୦୦ ବର୍ଷ ମଧ୍ୟରେ ଅତି ଦ୍ରୁତ ଗତିରେ ଘଟିଛି। ଆଜି ଜୀବନ୍ତ ଥିବା ସମସ୍ତ ଚିତା ବାଘ ମଧ୍ୟରୁ ପ୍ରାୟ ସମସ୍ତେ ଆଫ୍ରିକାରେ ଦେଖିବାକୁ ମିଳନ୍ତି। ସେପ୍ଟେମ୍ବର ୨୦୨୨ ପୂର୍ବରୁ, ଏସିଆରେ ଚୀତାବାଘଙ୍କର ସଂଖ୍ୟା ମାତ୍ର ୧୨ ଥିଲା ଏବଂ ଏହି ସମସ୍ତ ୧୨ ଟି ଚିତା ବାଘ ଇରାନ ଦେଶରେ ଥିଲା। ଥିଲା ଏଇଥିପାଇଁ କୁହାଯାଉଛି , କାରଣ ବର୍ତ୍ତମାନ ବର୍ତ୍ତମାନ ୨୦ ଟି ଚିତାବାଘ ଭାରତକୁ ଆସିଛନ୍ତି ଯେଉଁଥିରୁ ୬ ଟି ମୃତ୍ୟୁବାରଣ କରିସାରିଛନ୍ତି। ବିଏନ୍‌ଏଚ୍‌ଏସ୍ (Bombay Natural Housing Society) ର ଉପାଧ୍ୟକ୍ଷ ଥିବା ଦିବ୍ୟ ଭାନୁ ସିଂ ତାଙ୍କ ପୁସ୍ତକ "The End Trail Chitah In India"ରେ ଲେଖିଛନ୍ତି, କୁହାଯାଏ ଯେ ଏକଦା ମୋଗଲ ସମ୍ରାଟ ୧୦୦୦ ରୁ ଅଧିକ ଚିତା ବାଘ ର ମାଲିକ ଥିଲେ ଏବଂ ତାଙ୍କ ଜୀବନରେ ୯୦୦୦ ରୁ ଅଧିକ ଚିତାବାଘ ରଖିଥିଲେ। ଭାବି ଦେଖନ୍ତୁ , ଏହି ପଶୁ କେତେ ପ୍ରଚୁର ଥିଲା। ଆକବରଙ୍କ ଶାସନ ୧୬୦୫ ରେ ଶେଷ ହୋଇଥିଲା ଏବଂ ପ୍ରାୟ ୩୦୦ ବର୍ଷ ପରେ ଭାରତ ସରକାର ଆନୁଷ୍ଠାନିକ ଭାବରେ ୧୯୫୨ ମସିହାରେ ଏହି ପଶୁ ବିଲୁପ୍ତ ଘୋଷଣା କରିଥିଲେ। ଏହାର ପ୍ରଥମ କାରଣ ହେଉଛି ଶିକାର। ୧୮୦୦ରୁ ୧୯୫୦ ମଧ୍ୟରେ ୧୨୭ ଚିତାଙ୍କୁ ହତ୍ୟା କରାଯାଇଥିଲା। ଏହି କାର୍ଯ୍ୟ ପ୍ରକୃତରେ ୧୮୦୦ରୁ ଏଠାରେ ଆରମ୍ଭ ହୋଇଥିଲା। ଚିତା ବାଘକୁ ମାରିବା ଏବଂ ଏହା ସହିତ ଫଟୋ କ୍ଲିକ୍ କରିବା ଏକ ବଡ଼ ସଫଳତା ବୋଲି ବିବେଚନା କରାଯାଉଥିଲା। ସମାନ କାର୍ଯ୍ୟ ଆମ ଦେଶର ରାଜା ଓ ସମ୍ରାଟମାନଙ୍କ ଦ୍ୱାରା କରାଯାଇଥିଲା। କେବଳ ଶିକାର କରିବା ପାଇଁ ଆଫ୍ରିକାରୁ ଚିତା ଆଣିବା ଆରମ୍ଭ କରାଯାଇଥିଲା। ୧୯୧୮ ରୁ ୧୯୪୫ ମଧ୍ୟରେ ୨୦୦ ଚିତାବାଘ ଆମଦାନୀ ହୋଇଥିଲା ଯାହା ଦ୍ୱାରା ରାଜାମାନେ ସେମାନଙ୍କୁ ହତ୍ୟା କରି ଟ୍ରଫି କରି ପାରିବେ। ଦିବ୍ୟାଭାନୁ ସିଂ କୁହନ୍ତି, ବ୍ରିଟିଶମାନେ ଶିକାର କରିବାକୁ ଏତେ ଆଗ୍ରହୀ ନଥିଲେ, କେବଳ ଇଚ୍ଛା ହେଲେ ଶିକାର କରୁଥିଲେ . ବାସ୍ତବରେ, ବ୍ରିଟିଶ ଯୁଗରେ ପଶୁମାନଙ୍କୁ ହତ୍ୟା କରିବା ଏବଂ ସେମାନଙ୍କ ସହିତ ଫଟୋଗ୍ରାଫ୍ କରିବା ଏକ ବଡ଼ ସଫଳତା ବୋଲି ବିବେଚନା କରାଯାଉଥିଲା। କିନ୍ତୁ ବିଲୁପ୍ତ ହେବାର ଶିକାର ଏକମାତ୍ର କାରଣ ନୁହେଁ। ଦ୍ୱିତୀୟ କାରଣ ହେଉଛି ବାସସ୍ଥାନ ନଷ୍ଟ। ଭାରତରେ କୃଷିର ବିକାଶ ଦେଖାଯାଉଥିବାରୁ ତୃଣଭୂମି ଯାହା ଲୋକମାନଙ୍କ ଦ୍ୱାରା ଚାଷ ପାଇଁ ବ୍ୟବହୃତ ହେଉଥିଲା ଧୀରେ ଧୀରେ ଛୋଟ ହୋଇଗଲା। ବାସ୍ତବରେ, ଚିତାବାଘକୁ ରହିବ ଏବଂ ବୁଲିବା ପାଇଁ ପ୍ରାୟ ୧୦୦ ବର୍ଗ କିଲୋମିଟର କ୍ଷେତ୍ର ଆବଶ୍ୟକ କରେ। ଯେତେବେଳେ ରହିବାକୁ କୌଣସି ସ୍ଥାନ ବାକି ନଥିଲା, ଚିତା ବାଘଙ୍କ ସଂଖ୍ୟା ସ୍ୱୟଂ ହ୍ରାସ ହେବାକୁ ଲାଗିଲା। ସେମାନଙ୍କ ମଧ୍ୟରେ ଇନ ବ୍ରିଡିଙ୍ଗ ଦେଖିବାକୁ ମିଳିଲା, ଯାହା ବିଲୁପ୍ତ ହେବାର ଅନ୍ୟ ଏକ କାରଣ। ୧୯୫୨ ମସିହାରେ, ଯେତେବେଳେ ଚିତାବାଘକୁ ବିଲୁପ୍ତ ଘୋଷିତ କରାଯାଇଥିଲା, ସେହି ଦିନଠାରୁ ଚିତାବାଘ ବିଷୟରେ ପୁନର୍ବାର ଆଲୋଚନା ଆରମ୍ଭ ହୋଇଥିଲା। ଏହା ବିଷୟରେ ପ୍ରଥମେ କୁହାଯାଇଥିଲା ମହୀଶୂର ରେ ଆମର, ପ୍ରଥମ ବନ୍ୟପ୍ରାଣୀ ବୋର୍ଡ ବୈଠକରେ। କିଛି ଦିନ ପରେ, ୧୯୭୦ ମସିହାରେ, ଚିତାବାଘ ଇରାନରୁ ଆଣିବାର ଆଲୋଚନା ହୋଇଥିଲା। ବିଶେଷଜ୍ଞମାନେ କହିଲେ ଯେ ଭାରତ ନିଜର ଏସିଆଟିକ୍ ବାଘ ବଦଳରେ ଚିତାକୁ ଭାରତ ଆଣିବ। ସେହି ସମୟରେ ଇରାନରେ ପ୍ରାୟ ୩୦୦ ଚିତାବାଘ ଥିଲା। କିନ୍ତୁ ଏହି ଯୋଜନା କାର୍ଯ୍ୟକାରୀ ହୋଇନଥିଲା, କାରଣ ୧୯୭୯ ରେ ଇରାନରେ ଇସଲାମିକ ବିପ୍ଳବ ଦେଖାଯାଇଥିଲା ଏବଂ ଇରାନର ରାଜା ଶାହାଙ୍କୁ କ୍ଷମତାରୁ ହଟାଇ ଦିଆଯାଇଥିଲା। ତା'ପରେ ୩୦ ବର୍ଷ ପରେ, ୨୦୦୯ ମସିହାରେ, ଚୀତା ବାଘକୁ ଭାରତ ଆଣିବା ପାଇଁ ଏକ ନୂତନ ପ୍ରସ୍ତାବ ଦିଆଗଲା। ଏଥର ଆଫ୍ରିକାରୁ ଭାରତ ସରକାର ୭ ଟି ବିଭିନ୍ନ ଜାତୀୟ ଉଦ୍ୟାନ ଏବଂ ଅଭୟାରଣ୍ୟ ଉପରେ ସର୍ଭେ କଲେ। ରାଜସ୍ଥାନ, ମଧ୍ୟପ୍ରଦେଶ, ଗୁଜୁରାଟ, ଛତିଶଗଡ ଏବଂ ଏହି ଯୋଜନା ସମ୍ଭବ କି ନୁହେଁ ତାହା ଦେଖିବାକୁ ବାକି ରହିଲା। ୨୦୧୦ ମସିହାରେ ହୋଇଥିବା ସର୍ଭେ ପରେ ମଧ୍ୟପ୍ରଦେଶର କୁନୋ ଜାତୀୟ ଉଦ୍ୟାନକୁ ଚୟନ କରାଗଲା। ୨୦୧୨ରେ, ଚିତାକୁ ନାମିବିଆରୁ କୁନୋ ଜାତୀୟ ଉଦ୍ୟାନକୁ ଆଣିବା ପାଇଁ ଏକ ରୋଡ୍ ମ୍ୟାପ୍ ପ୍ରସ୍ତୁତ କରାଯାଇଥିଲା। ପରିବେଶ ମନ୍ତ୍ରଣାଳୟ ଏହାକୁ ଚୂଡ଼ାନ୍ତ ରୂପ ଦେବା ଆରମ୍ଭ କଲେ, କିନ୍ତୁ ଏପ୍ରିଲ ୨୦୧୩ରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଏହି ପ୍ରକ୍ରିୟା ବନ୍ଦ କରିବାପାଇଁ ଆଦେଶ ଦେଲେ। ଆଗକୁ ବଢିବା ପୂର୍ବରୁ, ଏଠାରେ ଉଲ୍ଲେଖ କରିବା ଜରୁରୀ ଯେ ଦୁଇଟି ଭିନ୍ନ ପ୍ରକାରର ଚିତାବାଘ ଅଛନ୍ତି। ଆଫ୍ରିକୀୟ ଚିତା ଏବଂ ଏସିଆଟିକ୍ ଚିତା। ଏହି ଦୁଇଟି ପ୍ରଜାତି ମଧ୍ୟରେ ମୌଳିକ ପାର୍ଥକ୍ୟ ଅଛି, ଯେପରିକି ଏସିଆଟିକ୍ ଚିତା ଆକାରରେ ଛୋଟ କିନ୍ତୁ ଏହାର ବେକ ବହୁତ ଶକ୍ତିଶାଳୀ। ଉଭୟର ରଙ୍ଗରେ ମଧ୍ୟ ପାର୍ଥକ୍ୟ ଅଛି। କିନ୍ତୁ ଭାରତରେ ମିଳୁଥିବା ଚିତା ଏବଂ ଆଜି ଇରାନରେ ଥିବା ୧୨ ଟି ଚିତା ବାଘ ପ୍ରକୃତରେ ଏସିଆଟିକ୍ସ ଜାତିର ଅଟେ। ବାକି ସବୁ ଚିତାବାଘ ଆଫ୍ରିକା ପ୍ରଜାତିର ଅଟେ। ସୁପ୍ରିମକୋର୍ଟ ଏହାକୁ ବାରଣ କରିବା ପଛରେ ଏହା ଏକ ପ୍ରମୁଖ କାରଣ ଥିଲା। ଅଦାଲତ କହିଲେ ଯେ ନ୍ୟାସନାଲ ବୋର୍ଡ ଅଫ୍ ୱାଇଲ୍ଡ ଲାଇଫ ସହିତ ଏହି ପ୍ରସଙ୍ଗରେ ଆଲୋଚନା କରାଯାଇ ନାହିଁ ଏବଂ ବିଦେଶୀ ପ୍ରଜାତିଙ୍କୁ ଏହି ଉପାୟରେ ଫେରାଇ ଆଣିବା ଏହାର ସମାଧାନ ନୁହେଁ। ସୁପ୍ରିମକୋର୍ଟ କହିଥିଲେ ଯେ ଗୁଜୁରାଟରେ ରହୁଥିବା ଏସିଟିକ୍ ସିଂହକୁ କୁନୋ ଜାତୀୟ ଉଦ୍ୟାନରେ ପରିଚିତ କରାଇବା ଏକ ଉତ୍ତମ ବିଚାର ହେବ, ଯାହା ଦ୍ୱାରା ସେମାନଙ୍କ ସଂଖ୍ୟା ଆହୁରି ବୃଦ୍ଧି ପାଇବ। ଜାନୁୟାରୀ ୨୦୨୦ ରେ ସୁପ୍ରିମକୋର୍ଟ ତାଙ୍କର ୭ ବର୍ଷ ପୁରୁଣା ନିଷ୍ପତ୍ତିରେ ପରିବର୍ତ୍ତନ କଲେ ଏବଂ କହିଲେ ପରୀକ୍ଷାମୂଳକ ଭିତ୍ତିରେ ଚିତାବାଘର ଆମଦାନୀ କରାଯାଇପାରେ। ୱାଇଲ୍ଡ ଲାଇଫ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆର ଡିନ୍ ତଥା ଚିତା ପ୍ରକଳ୍ପର ଅଗ୍ରଣୀ ବୈଜ୍ଞାନିକ ଡକ୍ଟର ଯାଦବେନ୍ଦ୍ର ଝାଲା କହିଛନ୍ତି ଯେ ଗତ କିଛି ବର୍ଷ ମଧ୍ୟରେ ଭାରତ ତା'ର ବାଘ ଜନସଂଖ୍ୟାକୁ ଦ୍ୱିଗୁଣିତ କରିଛି। ତେଣୁ ଆମେ ଚିତା ପ୍ରକଳ୍ପକୁ ବହୁତ ଭଲ ଭାବରେ ପରିଚାଳନା କରିବୁ। ସେଥିପାଇଁ ସେ କୁନୋ ନ୍ୟାସନାଲ ପାର୍କକୁ ସୁପାରିଶ କଲେ ଏବଂ ଶେଷରେ ସେପ୍ଟେମ୍ବର ୨୦୨୨ ରେ ଭାରତ ଏହି ଚିତା ପ୍ରକଳ୍ପ ଆରମ୍ଭ କଲା। କୁହାଯାଉଛି ଯେ ଭାରତ ସରକାର ଭାରତୀୟ ତୈଳ କମ୍ପାନୀ ସହିତ ମିଶି ପ୍ରାୟ ୯୦ ରୁ ୧୦୦ କୋଟି ଟଙ୍କା ଏହି ପ୍ରକଳ୍ପରେ ଖର୍ଚ୍ଚ କରିବେ। ଏହି ପ୍ରକଳ୍ପ ଅଧୀନରେ, ବାହାର ଦେଶରୁ ୫୦ ଟି ଚିତା ଆଣିବାକୁ ପ୍ରସ୍ତାବ ଅଛି। ଏପର୍ଯ୍ୟନ୍ତ କୁନୋ ଜାତୀୟ ଉଦ୍ୟାନରେ ୨୦ ଟି ଚିତା ଅଣାଯାଇ ମୁକ୍ତ କରାଯାଇଛି। ପ୍ରଣାଳୀ ଅନୁଯାୟୀ, ପ୍ରଥମେ ସେମାନଙ୍କୁ ୨୦ ଦିନର କୁଆରଏନଟିନ ରଖାଯାଇଥିଲା ଏବଂ ଏହା ପରେ ସମସ୍ତ ଚିତାକୁ ଟ୍ରାକ୍ ଏବଂ ମନିଟରିଂ କରିବା ପାଇଁ ରେଡିଓ କଲର ମଧ୍ୟ ଲଗାଯାଇଥିଲା କରାଯାଇଥିଲା। ୧୮ ଫେବୃଆରୀ ୨୦୨୩ ରେ, ଆଫ୍ରିକାରୁ ୧୨ ଟିଚିତା ଅଣାଯାଇଥିଲା। ବାସ୍ତବରେ ଆଫ୍ରିକା ସରକାର ଏହି ଚିତାକୁ ଭାରତ ପଠାଇବା ପାଇଁ ବହୁତ ସମୟ ନେଇଥିଲେ ଏବଂ ଏହା ସହିତ ଭାରତ ସରକାର ମଧ୍ୟ ବିଳମ୍ବ କରିଥିଲେ, ଯେଉଁଥିପାଇଁ ଏହି ଚିତାମାନଙ୍କର ଅବସ୍ଥା ବିଗିଡି ଯାଇଥିଲା।

ଏହି ସମୟରେ, ନାମିବିଆରୁ ଆସିଥିବା ଚିତା ୪ ଟି ସନ୍ତାନକୁ ଜନ୍ମ ଦେଇଥିଲା , ଅର୍ଥାତ୍ ଭାରତରେ ୨୪ ଟି ଚିତା ଉପସ୍ଥିତ ଅଛନ୍ତି। କୁନୋ ଜାତୀୟ ଉଦ୍ୟାନରେ ପ୍ରତ୍ୟେକ ଚିତା ପାଇଁ ୪ ଜଣିଆ ଟିମ୍ ଗଠନ କରାଯାଇଥିଲା ଏବଂ ଡାକ୍ତର ମଧ୍ୟ ଥିଲେ। ସବୁକିଛି ଠିକ୍ ଚାଲିଥିଲା, କିନ୍ତୁ ମୋଟ ୨୪ ଟି ଚିତା ମଧ୍ୟରୁ ୯ ଟି ଚିତାର ମୃତ୍ୟୁ ହୋଇଥିଲା। ଏହା ପଛର କାରଣ କ'ଣ ? ସମ୍ପ୍ରତି ମୃତ୍ୟୁର ତାରିଖ ଅଗଷ୍ଟ ୩, ୨୦୨୩ ଥିଲା ଯେତେବେଳେ ୩ ବର୍ଷ ବୟସ୍କା ଧାତ୍ରୀର ଦେହାନ୍ତ ହୋଇଥିଲା। ଏହାର କିଛି ଦିନ ପୂର୍ବରୁ, ୧୫ ଜୁଲାଇ ୩ ବର୍ଷ ବୟସ୍କ ସୁରଜ ଏବଂ ୧୧ ଜୁଲାଇ ୫-୬ ବର୍ଷ ବୟସ୍କ ତେଜସ୍ ପ୍ରାଣ ହରାଇଲା। ପ୍ରାୟ ୩ ସପ୍ତାହ ମଧ୍ୟରେ, ୩ ଟି ଚିତା'ର ମୃତ୍ୟୁ ହୁଏ। ଜନ୍ମ ହୋଇଥିବା ୪ ଟି ସାବକଙ୍କ ମଧ୍ୟରୁ ୩ ଜଣଙ୍କର ମୃତ୍ୟୁ ହୋଇଥିଲା, ଗୋଟିଏ ୨୩ ମଇରେ ଏବଂ ଅନ୍ୟ ଦୁଇଟି ୨୫ ମଇରେ। ତାଙ୍କ ମୃତ୍ୟୁପଛର କାରଣ କୁହାଯାଇଥିଲା - ଡିହାଇଡ୍ରେସନ୍ ଏବଂ ଅଧିକ ଉତ୍ତାପ। କେତେକ ବନ ଅଧିକାରୀ କହିଛନ୍ତି ଯେ ଚିତା ସାବାକ ବଞ୍ଚିବାର ହାର ବହୁତ କମ, ପ୍ରାୟ ୧୦ %। ଏହା ଏକ ଅସାଧାରଣ ଜିନିଷ ନୁହେଁ। କିନ୍ତୁ ସଂରକ୍ଷିତ ଅଞ୍ଚଳରେ ବଞ୍ଚିବାର ହାର ହେଉଛି ୮୦%। ଏଠାରେ ଚିତାର କ୍ରମାଗତ ଭାବରେ ଟ୍ରାକ ଏବଂ ନଜର ରଖାଯାଉଥିଲା। ଯଦି ଆମେ ଏହି ମୃତ୍ୟୁକୁ ଅଣଦେଖା କରି କହିଥାଉ ଯେ ପିଲାମାନଙ୍କର ସରଭାଇବାଲ୍ ହାର ଏତେ ଭଲ ନୁହେଁ। କିନ୍ତୁ ମୃତ୍ୟୁବରଣ କରିଥିବା ୯ ଜଣଙ୍କ ମଧ୍ୟରୁ ୬ ଜଣ ବୟସ୍କ ଚିତା ଅଟନ୍ତି। ମାର୍ଚ୍ଚ ୨୮ ରେ ପ୍ରଥମ ମୃତ୍ୟୁ ଘଟିଥିଲା, ଯେତେବେଳେ ୫ ବର୍ଷୀୟ ସାସା ର ମୃତ୍ୟୁ ହୋଇଥିଲା, ଏହାର କାରଣ କୁଆରଏନଟିନରୁ ବାହାର କରାଗଲା ପରେ, ଶିକାର କରିବା ଦେଖାଗଲା, ବନ୍ୟଜନ୍ତୁ ବିଶେଷଜ୍ଞମାନେ ବହୁତ ଖୁସି ହେଲେ। କିନ୍ତୁ ବିଶେଷଜ୍ଞମାନେ କହିଛନ୍ତି ଯେ ଯେତେବେଳେ ଏହି ଚିତାବାଘ କୁଆରଏନଟିନରେ ଥିଲେ, ସେମାନଙ୍କୁ ଖାଦ୍ୟ ଖାଇବାକୁ ଦିଆଯାଇନଥିଲା। ଦ୍ୱିତୀୟତଃ, ଯଦି ଜଳକୁ ବିଚାର କରାଯାଏ, ଚିତା ପାଇଁ ଜଳର ଅଭାବ ନଥିଲା, ତେଣୁ ଏହି ଦିଗଟି ସଠିକ୍ ଥିଲା। କିନ୍ତୁ ସବୁଠାରୁ ବଡ ସମସ୍ୟା ହେଉଛି ସ୍ଥାନ ଏବଂ ଆଶ୍ରୟସ୍ଥଳର ଅଭାବ। ମଧ୍ୟପ୍ରଦେଶର କୁନୋ ଜାତୀୟ ଉଦ୍ୟାନ ପ୍ରକୃତରେ ଭାରତର ଏସିଆଟିକ୍ ସିଂହର ଘର ଥିଲା। ଏହି ଜାତୀୟ ଉଦ୍ୟାନ ପଶୁମାନଙ୍କ ପାଇଁ ଅଧିକ ଉପଯୁକ୍ତ ଥିଲା, ଯେଉଁମାନେ ଗର୍ବର ସହିତ ମିଳିମିଶି ବାସ କରୁଥିଲେ, କିନ୍ତୁ ଚିତା ଏଭଳି ଏକ ପ୍ରାଣୀ ଏକାକୀ ରହିବାକୁ ପସନ୍ଦ କରେ। ଚୀତାକୁ ବିଚରଣ କରିବାକୁ ୧୦୦୦ ବର୍ଗ କିଲୋମିଟର ଅଞ୍ଚଳ ଆବଶ୍ୟକ ଥିଲା। ଗୋଟିଏ ଚିତା ପ୍ରାୟ ୧୦୦ବର୍ଗ କିଲୋମିଟର କ୍ଷେତ୍ର ଆବଶ୍ୟକ କରେ। କୁନୋ ଜାତୀୟ ଉଦ୍ୟାନର ଆକାର ମାତ୍ର ୭୫୦ ବର୍ଗ କିଲୋମିଟର। ଏହାର ଅର୍ଥ ହେଉଛି ପ୍ରତ୍ୟେକ ୧୦୦ବର୍ଗ କିଲୋମିଟର କ୍ଷେତ୍ରରେ ୩ ଟି ଚୀତାକୁ ରଖାଯାଇଥିଲା। ନାମିବିଆର ତିନିଜଣ ଜୀବବିଜ୍ଞାନୀ ମଧ୍ୟ ସମାନ କଥା କହିଥିଲେ। ଏତେ ଉଚ୍ଚ ଘନତାରେ ଚୀତାକୁ ରଖିବା ସ୍ୱାଭାବିକ ନୁହେଁ। ଜାଗାର ଅଭାବ ହେତୁ ଏହି ଚିତା ଗୁଡିକ ପ୍ରାୟତଃ ଜାତୀୟ ଉଦ୍ୟାନ ବାହାରେ ବୁଲୁଥିବାର ଦେଖାଯାଇଥିଲା। ଜାତୀୟ ଉଦ୍ୟାନ ବାହାରେ ଆଶା ଏବଂ ପଓ୍ୱନ୍ ନାମକ ଦୁଇଟି ଚିତା ଅନେକ ଥର ଦେଖିବାକୁ ମିଳିଥିଲା। ପଓ୍ୱନଙ୍କୁ ଦୁଇଥର ଫେରାଇ ଆଣିବାକୁ ପଡିଲା। ଏବଂ ସେମାନଙ୍କୁ ଫେରାଇ ଆଣିବାର ଉପାୟ ହେଉଛି ସେମାନଙ୍କୁ ଶାନ୍ତ କରିବା ଏବଂ ଚେତାଶୂନ୍ୟ କରିବା ଏବଂ ପରେ ସେମାନଙ୍କୁ ଫେରାଇ ଆଣିବା। ଦ୍ୱିତୀୟତ, ଯେତେବେଳେ ପଓ୍ୱନ ପାର୍କରୁ ବାହାରକୁ ଆସିଥିଲା, ଦଳ ଭାବିଥିଲେ ଯେ ତାଙ୍କୁ ବୁଲିବାକୁ ଦିଅନ୍ତୁ ଏବଂ ସେ ଆପେ - ଆପେ ଫେରି ଆସୁଛନ୍ତି କି ନାହିଁ ଦେଖିବା ! ୧୫ ଦିନ ଅପେକ୍ଷା କରି ଶେଷରେ କୁନୋ ପାର୍କଠାରୁ ପ୍ରାୟ ୧୫୦ କିଲୋମିଟର ଦୂରରେ ଥିବା ଉତ୍ତରପ୍ରଦେଶର ସୀମାରୁ ଧରାଯାଇଥିଲା। ଏହି ବିଷୟରେ, ଭାନ୍ ଡେର୍ ମାର୍ଭେ କହିଛନ୍ତି ଯେ ଚିତା'ର ଏଭଳି ସ୍ୱଭାବ ସ୍ୱାଭାବିକ। ସାଧାରଣତ, ସ୍ଥାନ ଅଭାବ ହେତୁ ଚିତାର ଏହିପରି ଆଚରଣ କରେ। ଯଦି ଜାଗା କମ୍ ତେବେ ଏହା ସ୍ପଷ୍ଟ ଯେ ଏହା ଜାତୀୟ ଉଦ୍ୟାନରୁ ବାହାରକୁ ଯିବ। ଚିତାମାନଙ୍କୁ ବୁଲିବାକୁ ଅନୁମତି ଦିଆଯିବା ଉଚିତ୍, ଏହା ହେଉଛି ସେମାନଙ୍କର ପ୍ରାକୃତିକ ଆଚରଣ। ଚିତାର ମଣିଷକୁ କ୍ଷତି ପହଞ୍ଚାଏ ନାହିଁ। ସେମାନେ ସିଂହ ଏବଂ ବାଘ ପରି ମଣିଷ ଉପରେ ଆକ୍ରମଣ କରନ୍ତି ନାହିଁ। ଅନେକ କ୍ଷେତ୍ରରେ ଆପଣ ବିଭିନ୍ନ ଚିଡିଆଖାନାରେ ଚିତାକୁ ସ୍ପର୍ଶ ମଧ୍ୟ କରିପାରିବେ।

ଡକ୍ଟର ଝାଲା କହିଥିଲେ ଯେ ୨୧ ଟି ଚିତା କୁନୋ ପାର୍କରେ ରହିବାକୁ ବିବେଚନା କରାଯାଉଥିଲା କାରଣ ସେମାନେ ପ୍ରଜନନ କରିବାର ସୁଯୋଗ ପାଇବେ, କିନ୍ତୁ ପରେ ପରାମର୍ଶ ଦିଆଯାଇଥିଲା ଯେ ଏହି ୨୧ ଟି ଚିତାକୁ ପ୍ରଜନନ ପାଇଁ ବିଭିନ୍ନ ସ୍ଥାନକୁ ପଠାଯିବ, ଯାହାଫଳରେ ସେମାନେ ପର୍ଯ୍ୟାପ୍ତ ସ୍ଥାନ ପାଇପାରିବେ। ସେ ପରାମର୍ଶ ଦେଇଥିବା ଦ୍ୱିତୀୟ ସ୍ଥାନ ହେଉଛି ରାଜସ୍ଥାନର 'ମୁକୁନ୍ଦ୍ରା ଟାଇଗର ରିଜର୍ଭ'। ସେ ଏକ ମଜାଦାର କଥା କହିଥିଲେ - "ବୈଷୟିକ ସମ୍ଭାବ୍ୟତା ଉପରେ ଆଧାର କରି ଆମେ ପରାମର୍ଶ ଦେଉଛୁ। ଆମେ ରାଜନୀତିକୁ ଦେଖୁନାହୁଁ ।'("We give suggestions based on technical feasibility. We do not look at politics.")। ଏଠାରେ ସେ ଇସାରା କରୁଥିଲେ, ରାଜସ୍ଥାନରେ ଦୁଇଟି ଭିନ୍ନ ଦଳର ସରକାର ଅଛି। ସ୍ପେସ୍ ସମସ୍ୟାର ସମାଧାନ ପାଇଁ ସାଂସଦ ବନ ବିଭାଗ ଜାତୀୟ ଟାଇଗର ସଂରକ୍ଷଣ ପ୍ରାଧିକରଣକୁ ଏକ ଚିଠି ଲେଖି ଏକ ବିକଳ୍ପ ସ୍ଥାନ ପରାମର୍ଶ ଦେବାପାଇଁ କହିଥିଲେ, ଯେଉଁଠାରେ ଚିତା ପଠାଯାଇପାରିବ ଯାହା ଦ୍ୱାରା ସେମାନେ ଅଧିକ ସ୍ଥାନ ପାଇପାରିବେ, କିନ୍ତୁ ଜୁନ୍ ମାସରେ ଅଧ୍ୟକ୍ଷ ରାଜେଶ ଗୋପାଳ ଚିତା ଟାସ୍କ ଫୋର୍ସ, ସ୍ପେସ୍ ଇସ୍ୟୁକୁ ପ୍ରତ୍ୟାଖ୍ୟାନ କଲେ। ସେ କହିଲେ ଯେ ଚିତାକୁ ବାହାରେ ପଠାଇବା ପାଇଁ ଏପରି କୌଣସି ଯୋଜନା ନାହିଁ।ଏବଂ ସରକାରଙ୍କ ଉପରେ ଲୋକଙ୍କ ବିଶ୍ୱାସ ରହିବା ଉଚିତ୍ ବୋଲି କହିଥିଲେ। ଜାଗା ଏଠାରେ ଏକମାତ୍ର ସମସ୍ୟା ନୁହେଁ। ଚତୁର୍ଥ ବିଷୟଟି ହେଉଛି ଆଶ୍ରୟସ୍ଥଳର ବହୁତ ଅଭାବ। ବାସ୍ତବରେ ଆଫ୍ରିକୀୟ ଚିତା ଗୁଡିକ ଭାରତୀୟ ପରିବେଶରେ ଏତେ ଭଲ ମିଶ୍ରିତ ହୁଏ ନାହିଁ। ଜୁଲାଇ ୧୫ ରେ ରାଜେଶ ଗୋପାଳ କହିଥିଲେ ଯେ ସେପ୍ଟିସେମିଆ କାରଣରୁ ସୁରଜ ଚିତାର ମୃତ୍ୟୁ ଘଟିଛି, ଯାହା ପ୍ରକୃତରେ କିଛି ଆଘାତ କାରଣରୁ ରକ୍ତ ସଂକ୍ରମଣ ଅଟେ। ଜୀବାଣୁ ରକ୍ତ ମାଧ୍ୟମରେ ଶରୀରରେ ବ୍ୟାପିଥାଏ। ଏବଂ ଏହି ସମସ୍ୟା ଚିତାର ଉପରେ ପ୍ରୟୋଗ ହୋଇଥିବା ରେଡିଓ କଲର ଦ୍ୱାରା ହୋଇଥିଲା। ଚିତା ବେକରେ ଲାଗିଥିବା ରେଡିଓ କଲର ଚର୍ମ ଉପରେ ବାରମ୍ବାର ଘଷି ଏକ କ୍ଷତ ସୃଷ୍ଟି କରିଥିଲା। ଓଦା ପାଗ ଯୋଗୁଁ ସମସ୍ୟା ଆହୁରି ବଢିଗଲା। ମୃତ୍ୟୁ ଘଟିଥିବା ସପ୍ତମ ଚିତା ସହିତ ସମାନ ଘଟଣା ଘଟିଥିଲା। ଶବ ବ୍ୟବଚ୍ଛେଦ ରିପୋର୍ଟରେ ସମାନ ସମସ୍ୟା ପ୍ରକାଶ ପାଇଥିଲା। ଧାତ୍ରୀ

ଏଣିକି ପ୍ରତିବର୍ଷ ବାଘ ଗଣନା

ଭୁବନେଶ୍ୱର : ରାଜ୍ୟ ବନ ବିଭାଗ ସ୍ୱତନ୍ତ୍ର ଭାବେ ନିଜସ୍ୱ ବାଘ ଗଣନା ପାଇଁ ପ୍ରକ୍ରିୟା ଆରମ୍ଭ କରିଛି। ଏଥିପାଇଁ ଚନ୍ଦକା ଗୋଡ଼ିବାରିରେ ବାଘ ଗଣନା ପ୍ରକ୍ରିୟା ତାଲିମ ପ୍ରକ୍ରିୟା ଆରମ୍ଭ କରାଯାଇଛି। ବିଭିନ୍ନ ପର୍ଯ୍ୟାୟରେ ଗଣନାକାରୀଙ୍କୁ ଏହି ତାଲିମ୍ ଦିଆଯିବା ପାଇଁ ଯୋଜନା ରହିଥିବା ବେଳେ ପ୍ରଥମେ ୨୦ ଜଣ ମାଷ୍ଟର ଟ୍ରେନ୍‌ରଙ୍କୁ ତାଲିମ୍ ଦିଆଯାଉଛି। ଅକ୍ଟୋବର ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ ପ୍ରଶିକ୍ଷଣ କାର୍ଯ୍ୟକ୍ରମ। ୮ଟି ସର୍କଲର ଡିଏଫ୍‌ଓ, ଏସିଏଫ୍‌ଙ୍କ ସମେତ ବନ ବିଭାଗ ଅଧିକାରୀ, ବନ କର୍ମଚାରୀଙ୍କୁ ଦିଆଯାଉଛି ପ୍ରଶିକ୍ଷଣ। ଏଥିପାଇଁ ବେଙ୍ଗାଲୁରୁର ୱାଇଲ୍ଡ ଲାଇଫ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଇଣ୍ଡିଆର ବ୍ୟାଘ୍ର ବିଭାଗର ୩ ଜଣ ବିଶେଷଜ୍ଞ ଓଡ଼ିଶା ଆସିଛନ୍ତି। ପ୍ରଥମେ ମାଷ୍ଟର୍‌ଟ୍ରେନରଙ୍କୁ ତାଲିମ ଦିଆଯିବା ପରେ କ୍ଷେତ୍ରସ୍ତରରେ ଏହି ଟ୍ରେନରମାନେ ଗଣନାରେ ସାମିଲ ହେବାକୁ ଥିବା କର୍ମଚାରୀଙ୍କୁ ତାଲିମ୍ ପ୍ରଦାନ କରିବେ। ଅକ୍ଟୋବର ୧୫ରୁ ୩୧ ପର୍ଯ୍ୟନ୍ତ ବାଘ ଚଲାପଥ ସର୍ଭେ ହେବ। ଏହାସହ ପଦଚିହ୍ନ ସର୍ଭେ ମଧ୍ୟ କରାଯିବ। ନଭେମ୍ବର ପ୍ରଥମ ସପ୍ତାହରୁ ଜାନୁଆରୀ ୧୫ ତାରିଖ ପର୍ଯ୍ୟନ୍ତ ପ୍ରାୟ ୧ ହଜାର କ୍ୟାମେରା ଟ୍ରାପ ୮ଟି ସର୍କଲରେ ଲଗାଯିବ। ବାଘମାନଙ୍କର ମଳର ନମୁନା ସଂଗ୍ରହ କରାଯାଇ ଡିଏନ୍‌ଏ ସାମ୍ପଲିଂ କରାଯିବ। ଜାନୁଆରୀ ୩୧ ସୁଦ୍ଧା ବାଘର ସଠିକ ସଂଖ୍ୟା ନେଇ କେନ୍ଦ୍ର ସରକାରଙ୍କୁ ରିପୋର୍ଟ ଦିଆଯିବ। ଆଜି ପ୍ରଶିକ୍ଷଣ ଆରମ୍ଭ ପରେ ବନ୍ୟପ୍ରାଣୀ ପିସିସିଏଫ୍ ସୁଶୀଲ କୁମାର ପୋପଲି ଏହି ସୂଚନା ଦେଇଛନ୍ତି। ଆସନ୍ତା ଅକ୍ଟୋବର ମାସରୁ ରାଜ୍ୟରେ ବ୍ୟାଘ୍ର ଗଣନା ଆରମ୍ଭ କରିବା ପାଇଁ ବନ ବିଭାଗ ଲକ୍ଷ୍ୟ ରଖିଛି। ଶିମିଳିପାଳ ଜାତୀୟ ଉଦ୍ୟାନ ସହ ସାତକୋଶିଆ ଓ ବାଘ ସନ୍ଧାନ ମିଳିଥିବା ରାଜ୍ୟର ଡେବ୍ରିଗଡ଼, କେନ୍ଦୁଝର ଓ ସୁନାବେଡ଼ା ସହ ଅନ୍ୟ କିଛି ଜଙ୍ଗଲରେ ଏହି ଗଣନା କରାଯିବ ବୋଲି ସୂଚନା ମିଳିଛି। ପ୍ରଥମେ ଗ୍ରାଞ୍ଜାକୁ ଆନାଲିସିସ କରିଆରେ ବାଘ ସନ୍ଧାନ କରାଯିବ। ଯେଉଁଠାରେ ବାଘ ସମ୍ପର୍କରେ କିଛି ସୂଚନା ମିଳିବ ସେଠାରେ ପାଦ ଚିହ୍ନ ସଂଗ୍ରହ ପାଇଁ ବ୍ୟବସ୍ଥା ସହିତ କ୍ୟାମେରା ଟ୍ରାପ କରାଯାଇ ବାଘ ଗଣନା କରାଯିବ। ବାଘର ପାଦ ଚିହ୍ନ ସହ ସ୍କ୍ରାଚ୍ ମାର୍କ ଆଦିକୁ ମଧ୍ୟ ଏହି ଗଣନାରେ ସାମିଲ୍ କରାଯିବ। ଗତ ଅଗଷ୍ଟ ମାସରେ ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ ପକ୍ଷରୁ ଦେଶରେ ବ୍ୟାଘ୍ର ଗଣନା ରିପୋର୍ଟ ପ୍ରକାଶ କରାଯାଇଥିଲା। ଯେଉଁଥିରେ ରାଜ୍ୟରେ ବାଘ ସଂଖ୍ୟା ୨୦ଟି ଥିବା ନେଇ ଏହି ରିପୋର୍ଟରେ ଦର୍ଶା ଯାଇଥିଲା। ୨୦୧୮ ଗଣନାରେ ଏହି ସଂଖ୍ୟା ୨୮ ଥିବା ବେଳେ ୨୦୨୨ ସଂଖ୍ୟା ହ୍ରାସକୁ ରାଜ୍ୟ ବନ ବିଭାଗ ଆଗ୍ରାହ୍ୟ କରିବା ସହ ନିଜେ ବାଘ ଗଣନା କରିବାକୁ ନିଷ୍ପତ୍ତି ନେଇଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ କରାଯାଉଥିବା ବାଘ ଗଣନା ପ୍ରକ୍ରିୟାକୁ ବିଶେଷଜ୍ଞମାନେ ମଧ୍ୟ ନାପସନ୍ଦ କରିଛନ୍ତି। ୨୦୦୫ରୁ ବାଘ ଗଣନା ପାଇଁ କ୍ୟାମେରା ଟ୍ରାପ ବ୍ୟବସ୍ଥା ଆରମ୍ଭ ହେବା ପରେ ଏହି ବ୍ୟବସ୍ଥାରେ ଲୋକଙ୍କ ସମ୍ପୃକ୍ତି କମିଲା। ଯାହାଦ୍ୱାରା ରିପୋର୍ଟର ସଠିକତାକୁ ନେଇ ବିଭିନ୍ନ ସମୟରେ ଦ୍ୱନ୍ଦ୍ୱ ହେବାରୁ ରାଜ୍ୟ ସରକାର ନିଜସ୍ୱ ବାଘ ଗଣନା କରୁଛନ୍ତି।

ପୁରୀ ଓ ନୟାଗଡ ଜିଲ୍ଲାର ଅଭିଯୋଗ ସଂପର୍କରେ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟର ସମୀକ୍ଷା

ପୁରୀ ପୌରପାଳିକା ଲିଜ୍ ଜମି ଗୁଡିକ ହେବ ନିୟମିତ

ଭୁବନେଶ୍ୱର : ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ୫-ଟି ସଚିବଙ୍କ ପୁରୀ ଓ ନୟାଗଡ ଜିଲ୍ଲା ଗସ୍ତ ସମୟରେ ଜନସାଧାରଣଙ୍କ ଠାରୁ ବିଭିନ୍ନ ଅଭିଯୋଗ ମିଳିଥିଲା। ଏ ସଂପର୍କରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇବା ପରେ, ଏ ସଂପର୍କରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ବିସ୍ତୃତ ଆଲୋଚନା କରାଯାଇ ନିଷ୍ପତ୍ତି ଗ୍ରହଣ କରାଯାଇଛି। ପୁରୀ ପୌରପାଳିକା ଜମି ସମସ୍ୟା ସଂପର୍କରେ ୫-ଟି ସଚିବଙ୍କ ଗସ୍ତ ସମୟରେ ଜନସାଧାରଣ ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପୁରୀ ପୌରପାଳିକା ଦ୍ୱାରା ପୌରପାଳିକା ନିୟମ ଓ ଉପଯୁକ୍ତ ଲିଜ୍ ସର୍ତ୍ତାବଳୀ ଅନୁଯାୟୀ ଦିଆଯାଇଥିବା ଲିଜଗୁଡିକୁ ନିୟମିତ କରିବା ପାଇଁ ବୈଠକରେ ନୀତିଗତ ନିଷ୍ପତ୍ତି ନିଆଯାଇଛି। ଏହି କାର୍ଯ୍ୟକୁ ଧାର୍ଯ୍ୟ ଅବଧି ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିପାଇଁ ଆବଶ୍ୟକ ସର୍ଭେ କାମକୁ ୨୦ ଦିନ ମଧ୍ୟରେ ଶେଷ କରିବା ପାଇଁ ୫-ଟି ସଚିବ ନିର୍ଦ୍ଦେଶ ଦେଇଥିଲେ। ଏଥିପାଇଁ ଜିଲ୍ଲାପାଳଙ୍କୁ ଆବଶ୍ୟକ ଅତିରିକ୍ତ ରାଜସ୍ୱ ଅଧିକାରୀ ଯୋଗାଇ ଦେବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ପୁରୀ ପୌରପାଳିକା ବହୁ ବର୍ଷ ଧରି ବିଭିନ୍ନ ଅନୁଷ୍ଠାନ ଓ ଲୋକମାନଙ୍କୁ ଲିଜ ସୂତ୍ରରେ ପ୍ରାୟ ୫୦୪ ଏକର ଜମି ଦେଇଛି। ଏହି ଉଚ୍ଚସ୍ତରୀୟ ବୈଠକରେ ଉପଯୁକ୍ତ ଲିଜ୍ ସର୍ତ୍ତାବଳୀ ଓ ପୌରପାଳିକା ନିୟମ

ଅନୁସାରେ ଆବଣ୍ଟିତ ଲିଜ୍ ନିୟମିତ କରିବା ପାଇଁ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନ ମାନଙ୍କ ଉପରେ ଉପଯୁକ୍ତ ଦେୟ ଧାର୍ଯ୍ୟ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ନୟାଗଡ ଜିଲ୍ଲାର ମଂଜରୀ ଗ୍ରାମ ନିକଟରେ ବୃତ୍ତଙ୍ଗ ନଦୀ ଉପରେ ଜଳଭଣ୍ଡାର ପ୍ରକଳ୍ପ ନିର୍ମାଣ ସଂପର୍କରେ ମଧ୍ୟ ବୈଠକରେ ଆଲୋଚନା କରାଯାଇଥିଲା। ପରିବେଶ ତଥା ଅନ୍ୟାନ୍ୟ ଆବଶ୍ୟକ ମଞ୍ଜୁରୀ ମିଳିବା ପରେ ପ୍ରକଳ୍ପ ପାଇଁ ତୁରନ୍ତ ଟେଣ୍ଡର ଆହ୍ୱାନ କରିବା ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଓ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ବିଶ୍ୱର ଶହେ ସର୍ବଶ୍ରେଷ୍ଠ କମ୍ପାନୀଙ୍କ ମଧ୍ୟରେ ଇନଫୋସିସ୍

ଭୁବନେଶ୍ୱର : ବିଶ୍ୱର ଶହେ ସର୍ବଶ୍ରେଷ୍ଠ କମ୍ପାନୀଙ୍କ ମଧ୍ୟରେ ସ୍ଥାନ ପାଇଛି ଇନଫୋସିସ୍। ଟାଇମ୍ ମାଗାଜିନରେ ପ୍ରକାଶ ପାଇଛି ତାଲିକା। ଇନଫୋସିସ୍ ୬୪ତମ ସ୍ଥାନରେ ରହିଛି। ୭୫୦ଟି କମ୍ପାନୀଙ୍କୁ ନେଇ ଟାଇମ୍ ମାଗାଜିନ ତାଲିକା ପ୍ରସ୍ତୁତ କରିଥିବା ବେଳେ ବିଶ୍ୱର ଆର୍ଥିକ ସ୍ଥିତି ଉପରେ ପ୍ରଭାବ ପକାଉଥିବା ୧୦୦ଟି କମ୍ପାନୀଙ୍କୁ ଅଗ୍ରାଧିକାର ଦିଆଯାଇଛି। ମାଇକ୍ରୋସଫ୍ଟ, ଆପଲ, ଆଲଫାବେଟ, ମେଟା ପ୍ଲାଟଫର୍ମ ଭଳି କମ୍ପାନୀ ତାଲିକାର ସବୁଠୁ ଆଗରେ ଅଛନ୍ତି। କମ୍ପାନୀର ରାଜସ୍ୱ, କର୍ମଚାରୀଙ୍କ ମତାମତ,

କମ୍ପାନୀର ବାତାବରଣକୁ ନେଇ ସର୍ଭେ କରାଯିବା ପରେ ତାଲିକା ପ୍ରସ୍ତୁତ ହୋଇଛି। ସର୍ଭେରେ ସାମିଲ ହୋଇଥିବା କମ୍ପାନୀର ଉତ୍ପାଦନ ଏବଂ ଟେକନୋଲୋଜି ଯୋଗୁଁ ସାରା ବିଶ୍ୱର ଆର୍ଥିକ କାରବାରକୁ ପ୍ରଭାବିତ କରୁଛି।

ବିବାଦ ଘେରରେ ମୟୂରଭଞ୍ଜ ଜିଲାପାଳ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ

ବାରିପଦା, (ବିକୁ ସିଂ) : ମୟୂରଭଞ୍ଜ ଜିଲ୍ଲା ସତନ୍ତ୍ର ଉନ୍ନୟନ ପକ୍ଷରୁ ଆୟଜିତ 'ଆଦିରନ' ମାରାଥନ କାର୍ଯ୍ୟକ୍ରମରେ ଟି-ଶାର୍ଟ ପିନ୍ଧି ଜିଲ୍ଲାର ଦୁଇ ପ୍ରଶାସନିକ ଅଧିକାରୀ ଅଡୁଆରେ ପଡିଛନ୍ତି। ଜିଲ୍ଲାପାଳ ବିନୀତ ଭରଦ୍ୱାଜ ଓ ଆରକ୍ଷୀ ଅଧିକ୍ଷକ ବି ଗଙ୍ଗାଧର ପିନ୍ଧି ଥିବା ଟି-ଶାର୍ଟରେ ନବୀନ ପଟ୍ଟନାୟକଙ୍କ ଫଟୋ ଥିବା ନେଇ ସାଂସଦ ଅପରାଜିତା ଷଡଙ୍ଗୀ ପ୍ରତିବାଦ ଜଣେଇଛନ୍ତି। ଉଚ୍ଚପଦସ୍ଥ ସରକାରୀ ଅଧିକାରୀ ହୋଇ ନୀତିନିୟମକୁ ଉଲଂଘନ କରି ଦଳୀୟ କାର୍ଯ୍ୟକ୍ରମ ସଦୃଶ ମଞ୍ଚରେ ଉପସ୍ଥିତ ରହିବା ଦୁର୍ଭାଗ୍ୟଜନକ ବୋଲି ଅପରାଜିତା ଷଡଙ୍ଗୀ କହିଛନ୍ତି। ତେବେ ଏହା ଏକ ସରକାରୀ କାର୍ଯ୍ୟକ୍ରମ ଥିଲା ବୋଲି ଜିଲାପାଳ ବିନୀତ ଭରଦ୍ୱାଜ ମତପ୍ରକାଶ କରିଛନ୍ତି। ପ୍ରକାଶ ଯେ, ବାରିପଦା ଛଉ ପଡିଆ ଠାରେ ଆଦିବାସୀ ବିକାଶ ନିମନ୍ତେ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପକ୍ଷରୁ 'ଆଦିରନ' ନାମରେ ଆଦିବାସୀ ମାରାଥନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମଞ୍ଚରେ ହକି ଇଣ୍ଡିଆର ସଭାପତି ଦିଲ୍ଲୀପ ତିର୍କୀ, ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡି, ମହିଳା ଓ ଶିଶୁ ବିକାଶ ତଥା ମିଶନଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ, ରାଜ୍ୟ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପଦେଷ୍ଟା ପ୍ରଦୀପ ମାଝୀ, ରାଜ୍ୟସଭା ସଦସ୍ୟ ମମତା ମହାନ୍ତ, ମୋରଡା ବିଧାୟକ ରାଜକିଶୋର ଦାସ, ରାଜ୍ୟ ଜାତି, ଜନଜାତି ଓ ସଂଖ୍ୟାଲଘୁ ଉନ୍ନୟନ ପରିଷଦର ଉପଦେଷ୍ଟା ସରୋଜିନୀ ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାପାଳ ଓ ଏସପି ଟି- ଶାର୍ଟ ପିନ୍ଧି ନେତାଙ୍କ ଗହଣରେ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଟି-ଶାର୍ଟ ପିନ୍ଧି ନେତାଙ୍କ ଗହଣରେ ଥିବା ଉଭୟ ଅଧିକାରୀଙ୍କ ଫୋଟୋକୁ କେହି ଜଣେ ବ୍ୟକ୍ତି ଟୁଇଟରରେ ଅପଲୋଡ କରିଥିଲେ। ଏହାକୁ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ରି-ପୋଷ୍ଟ କରି ଏହା ଏକ ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି। ସରକାରୀ ଅଧିକାରୀମାନେ ନିୟମ ଉଲ୍ଲଂଘନ

କରିଥିବା ନେଇ କ୍ଷୋଭ ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ କଂଗ୍ରେସ ଜିଲ୍ଲା ସଭାପତି ହେମନ୍ତ ଦାସ କହିଛନ୍ତି। ରାଜ୍ୟରେ ଏବେ ସରକାରୀକଳ କାର୍ଯ୍ୟ କରୁଛି। ଅଧିକାରୀ ଓ କର୍ମଚାରୀମାନେ ମିଶି ଜିଲ୍ଲାରେ ଦରବାରୀ ଶାସନ ଚଳାଇଛନ୍ତି। ସାଢେ ୫ବର୍ଷ ଧରି ଜିଲାପାଳ ଜିଲ୍ଲାରେ ରହି ଦଳର ଜିଲା ସଭାପତି ସାଜିଛନ୍ତି। ସେ ଚାକିରି ଛାଡି ଦଳର ନେତା ସାଜିବାକୁ ପରାମର୍ଶ ଦେବା ସହ ଏଭଳି କାର୍ଯ୍ୟକୁ ନିନ୍ଦା କରିଛନ୍ତି। ଅନ୍ୟ ପଟେ ଭଜପା ଜିଲା ଉପସଭାପତି କବି ବିଷ୍ଣୁ ଶଥପତି କହିଛନ୍ତି, ପ୍ରଶାସନିକ ଅଧିକାରୀ ମାନେ ସାମ୍ବିଧାନିକ ବିଧିବ୍ୟବସ୍ଥା ପରିଧି ମଧ୍ୟରେ ରହି ଚାଲିବ ଉଚିତ। ପ୍ରଶାସନିକ କାର୍ଯ୍ୟ ଓ ଦଳୀୟ ରାଜନୀତି ଦୁଇଟି ସମ୍ପୂର୍ଣ୍ଣ ଅଲଗା। ଏହାକୁ ସମ୍ପୃକ୍ତ ଅଧିକାରୀମାନେ ବୁଝିବା ଆବଶ୍ୟକତା ରହିଛି। ଏହିଭଳି କାର୍ଯ୍ୟ ଦ୍ୱାରା ସମାଜକୁ ନକରାତ୍ମକ ସନ୍ଦେଶ ଯାଉଛି। ଏଭଳି ଅଭିଯୋଗକୁ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ଡା ? ଦେବାଶିଷ ମାରାଣ୍ଡି ଖଣ୍ଡନ କରିଛନ୍ତି। ସେ କହିଛନ୍ତି ଏହା ଏକ ଦଳୀୟ କାର୍ଯ୍ୟକ୍ରମ ନ ଥିଲା। ସ୍ୱତନ୍ତ୍ର ଉନ୍ନୟନ ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଜିଲାପାଳ ରହିଛନ୍ତି। ସାମ୍ବିଧାନିକ ଦୃଷ୍ଟିରୁ ସରକାରୀ କାର୍ଯ୍ୟକ୍ରମରେ ଜିଲାପାଳଙ୍କ ଉପସ୍ଥିତି ଆବଶ୍ୟକ ରହିଛି। ଦଳୀୟ ଚିହ୍ନ ନ ଥିଲା। ଆଦିବାସୀଙ୍କ ବିକାଶ ପାଇଁ ରାଜ୍ୟସରକାର ସଦାସର୍ବଦା ଚେଷ୍ଟିତ ରହିଛନ୍ତି। ବିରୋଧୀ ରାଜନୀତିକରଣ କରି ବିକାଶ ଦିଗରେ ପ୍ରତିବନ୍ଧକ ସଜୁଛନ୍ତି।

'ସ୍ୱଚ୍ଛ ସଞ୍ଚୟ ପ୍ରୋତ୍ସାହନ ଯୋଜନା'ରେ ସଞ୍ଚୟ କରି ଭବିଷ୍ୟତ ସୁରକ୍ଷିତ ରଖିବାକୁ ମନ୍ତ୍ରୀଙ୍କ ଆହ୍ୱାନ

ଭୁବନେଶ୍ୱର: ଓଡ଼ିଶା ସ୍ୱଚ୍ଛ ସଞ୍ଚୟ ନିର୍ଦ୍ଦେଶାଳୟ ଅର୍ଥ ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସ୍ୱଚ୍ଛ ସଞ୍ଚୟ ପ୍ରୋତ୍ସାହନ ଯୋଜନା ଏ.ଟି. ସିରିଜ୍ ଉଠାଣ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅର୍ଥ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ପ୍ରତ୍ୟେକ ବ୍ୟକ୍ତି ପାଇଁ ସଞ୍ଚୟର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଛନ୍ତି ଯେ ଜନସାଧାରଣଙ୍କୁ ସ୍ୱଚ୍ଛ ସଞ୍ଚୟ ଯୋଜନା ଭଳି ସୁରକ୍ଷିତ ଜମା ଯୋଜନା ପ୍ରତି ଆକର୍ଷିତ କରିବା ପାଇଁ 'ସ୍ୱଚ୍ଛ ସଞ୍ଚୟ ପ୍ରୋତ୍ସାହନ ଯୋଜନା' ଏକ ଅଭିନବ ପ୍ରୟାସ। ସ୍ୱଚ୍ଛ ସଞ୍ଚୟ ଯୋଜନା ଭଳି ସରକାରୀ ଯୋଜନା ଉପରେ ଜନସାଧାରଣଙ୍କ ଅତୁଟ ଆସ୍ଥା ଓ ବିଶ୍ୱାସ ରହିଥିବାବେଳେ ପ୍ରତ୍ୟେକ ବ୍ୟକ୍ତି ଏବଂ ତାଙ୍କ ପରିବାରର ଭବିଷ୍ୟତ ଆବଶ୍ୟକତା ପୂରଣ ପାଇଁ ଏହି ସୁରକ୍ଷିତ ସରକାରୀ ଜମାରେ ଅର୍ଥ ସଞ୍ଚୟ କରିବାକୁ ସେ ପରାମର୍ଶ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଓଡ଼ିଶାକୁ ଦେଶର ଏକ ଅଗ୍ରଣୀ ରାଜ୍ୟରେ ପରିଣତ କରିବା ପାଇଁ ଯେଉଁ ସ୍ୱପ୍ନ ରହିଛି, ତାହାକୁ ସାକାର

କରିବା ପାଇଁ ସରକାର ଉଦ୍ୟମ ଜାରିରଖିଛନ୍ତି। ରାଜ୍ୟର ବ୍ୟାଙ୍କ ନଥିବା ସମସ୍ତ ଗ୍ରାମପଞ୍ଚାୟତରେ ବ୍ୟାଙ୍କ ଶାଖା ଖୋଲିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ ଦେବ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଓ ସାକ୍ଷରତା ଅଭିଯାନର ସଫଳତା ପାଇଁ ସ୍ୱଚ୍ଛ ସଞ୍ଚୟ ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ ନିମନ୍ତେ ଅଧିକାରୀମାନେ ନିଷ୍ଠାର ସହ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ। ସ୍ୱଚ୍ଛ ସଞ୍ଚୟ ଯୋଜନାରେ ଲୋକମାନେ ତାଙ୍କର କଷ୍ଟଲବ୍ଧ ଅର୍ଥକୁ ସୁରକ୍ଷିତ ରଖିପାରୁଛନ୍ତି ବୋଲି ସେ ମତବ୍ୟକ୍ତ କରିଥିଲେ। ସଞ୍ଚୟ ଓ ଆର୍ଥିକ ସେବା ନିର୍ଦ୍ଦେଶିକା ଡକଫର ପ୍ରଜ୍ଞାସ୍ମିତା ସାହୁ ସ୍ୱାଗତ ଭାଷଣ ଦେବା ସଙ୍ଗେ ସଙ୍ଗେ ସଞ୍ଚୟର ବାର୍ତ୍ତା ଯେଭଳି ସାମାଜର ତୃଣମୂଳ ସ୍ତର ପର୍ଯ୍ୟନ୍ତ ପହଞ୍ଚି ପାରିବ ଏବଂ ଆର୍ଥିକ ଅନଗ୍ରସର ଶ୍ରେଣୀର ଜନସାଧାରଣ ଏହି ପ୍ରୋତ୍ସାହନ ଯୋଜନା ମାଧ୍ୟମରେ କିପରି ବିଶେଷ ଭାବେ ଲାଭବାନ ଓ ଉପକୃତ ହୋଇପାରିବେ ସେଥିପ୍ରତି ଗୁରୁତ୍ୱାରୋପ କରିଥିଲେ। ପ୍ରେମରାଜ ବହିଦାର, ନରୋତ୍ତମ ବେହେରା ଓ ପ୍ରଫେସର ଡକଫର ପ୍ରେମାନନ୍ଦ ମହାପାତ୍ରଙ୍କୁ ନେଇ ଗଠିତ ବିଚାରକ ମଣ୍ଡଳୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଉଠାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ ଉଠାଣରେ ୨୭୭୧ ଜଣ ଭାଗ୍ୟଶାଳୀ ବିଜେତାଙ୍କୁ, ୮ଟି ବର୍ଗରେ, ସର୍ବାଧିକ ୫ ଲକ୍ଷ ଏବଂ ସର୍ବନିମ୍ନ ୪୦୦୦ ଟଙ୍କା ହିସାବରେ ସମୁଦାୟ ୧ କୋଟି ୫୦ଲକ୍ଷ ଟଙ୍କା ମୂଲ୍ୟର ପୁରସ୍କାର ରାଶି ପ୍ରୋତ୍ସାହନ ସ୍ୱରୂପ ପ୍ରଦାନ କରାଯିବାର ବ୍ୟବସ୍ଥା ଅଛି। କାର୍ଯ୍ୟକ୍ରମ ଶେଷରେ ଅର୍ଥ ବିଭାଗର ଯୁଗ୍ମ ଶାସନ ସଚିବ ପ୍ରଶାନ୍ତ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅର୍ଥ ବିଭାଗର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି ଉଠାଣର ଫଳାଫଳ, ବିଧିବଦ୍ଧ ବିଜ୍ଞପ୍ତି ମାଧ୍ୟମରେ ଖୁବ ଶୀଘ୍ର ପ୍ରକାଶ ପାଇବ ବୋଲି ଅର୍ଥ ବିଭାଗ ତରଫରୁ ସୂଚନା ଦିଆଯାଇଛି।

PLOT FOR SALE
MOUZA:BHOLA



N.H. Bye Pass (Old Trunk Road), Near ASBM College, Chandaka, Bhubaneswar, Odisha
Contact : 8658607286

ପାର୍ବଣରେ ଗ୍ରାଉଣ୍ଡ ରେଣ୍ଟ ଆଦାୟ ନ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର : ଚଳିତବର୍ଷ ରାଜଧାନୀ ଭୁବନେଶ୍ୱରରେ ସରକାରୀ ଜାଗାରେ ସାର୍ବଜନୀନ ପୂଜା ଆୟୋଜନ ନିମନ୍ତେ ଗ୍ରାଉଣ୍ଡ ରେଣ୍ଟ ଦେବାକୁ ପଡ଼ିବ ନାହିଁ। ବିଭିନ୍ନ ପୂଜାସମିତି ଓ ସ୍ଥାନୀୟ ବିଧାୟକମାନଙ୍କ ଅନୁରୋଧ ତଥା ସାଧାରଣ ଲୋକଙ୍କ ସାଂସ୍କୃତିକ ଓ ଆଧ୍ୟାତ୍ମିକ ଭାବନାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗ୍ରାଉଣ୍ଡ ରେଣ୍ଟ ଆଦାୟ ନକରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରୀ ଜାଗାରେ ପୂଜା ନିମନ୍ତେ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଗ୍ରାଉଣ୍ଡ ରେଣ୍ଟ ଆଦାୟ କରାଯାଇଥାଏ।

ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷ